## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର

କୁଆମରା,୫।୭(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଆମରା ଫାଣ୍ଡି ଅଞ୍ଚଳରୁ ଗତ ଜୁନ ୨୭ରେ ଅପହରଣ କରାଯାଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅନ୍ତର୍ଗତ ଚିଲାପଦା ଗ୍ରାମର ଜଣେ ଯୁବକ ଉକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିବା ସଂପୃକ୍ତ ନାବାଳିକାଙ୍କ ବାପା ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ପୋଲିସ ଏ ସମ୍ପର୍କରେ ମାମଲା (ନଂ.୭୬/୧୯) ରୁଜୁ କରିବା ସହ ଅପହୃତା ନାବାଳିକାଙ୍କୁ ଚିଲାପଦା ଗ୍ରାମରୁ ଗୁରୁବାର ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ଜଣକ ଏକ ବିଭାଘର ଭୋଜିରେ ଯୋଗଦେବାକୁ ଆସି ସଂପୃକ୍ତ ନାବାଳିକାଙ୍କୁ ଭଲ ପାଇ ବସିଥିଲା ଓ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲା।

### ଶିଶୁ କନ୍ୟାଙ୍କୁ ଯୌନ ନିର୍ଯାତନା

ଖୁଣ୍ଟା,୫।୭(ଡି.ଏନ.ଏ): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳରେ ଜଣେ ୧୭ ମାସର ଶିଶୁ କନ୍ୟାଙ୍କୁ ଯୌନ ନିର୍ଯାତନା ଦିଆଯିବା ଭଳି ଅଶୋଭନୀୟ କାଣ୍ଡ ଘଟିଛି। ଏହି ଘଟଣାରେ ଶିଶୁ କନ୍ୟାଙ୍କ ମା' ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ. ୭୭/୧୯) ରୁଜୁ କରିବା ସହ ଶିଶୁ କନ୍ୟାଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାଇ ଗୁରୁବାର ଅପରାହ୍ନ ୫ ଟାରେ ଗ୍ରାମର ଜଣେ ଯୁବକ ଏହି ଶିଶୁ କନ୍ୟାଙ୍କୁ କାଖେଇ କେଉଁଆଡେ ନେଇ ଯାଇଥିଲେ। ଝିଅକୁ ନ ପାଇ ଶିଶୁ କନ୍ୟାଙ୍କ ମା' ସମ୍ପର୍କୀୟ ୨ ଭାଇଙ୍କ ସହିତ ମିଶି ଖୋଜୁଥିବା ବେଳେ ନିକଟସ୍ଥ ନଦୀପଠାରେ ଶିଶୁକନ୍ୟାଙ୍କ କାନ୍ଦ ଶୁଭିଥିଲା। ଶିଶୁକନ୍ୟାଙ୍କ ମା' ସେଠାକୁ ଯାଇ ସଂପୃକ୍ତ ଯୁବକଙ୍କ ଠାରୁ ଶିଶୁ କନ୍ୟାକୁ ଉଦ୍ଧାର କରିଥିଲେ। ଶୁକ୍ରବାର ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତନାଘନା ଆରମ୍ଭ କରିଥିବା କହିଛି।

# ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା

ବାରିପଦା ଅଫିସ,୫।୭-

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର ଦିନକ ପରେ ବାରିପଦା ରଥ ଟଣାଯିବା ଏକ ନିଆରା ପରମ୍ପରା ଭାବେ ପାଳିତ ହୋଇଆସୁଛି। ଗୁରୁବାର ରତ୍ନ ସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସିଥିବା ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଭକ୍ତଙ୍କୁ ରୁପା ଓ ଫୁଲ ତୁଳସୀ ବେଶରେ ଦର୍ଶନ ଦେଇଥିଲେ। ଶୁକ୍ରବାର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ରଥଟଣା ଆରମ୍ଭ ହୋଇଥିଲା। ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାବେଶ ହୋଇଥିଲା। ଘଣ୍ଟଘଣ୍ଟା, ଭଜନ କୀର୍ତ୍ତନ ଓ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦା ରଥଯାତ୍ରାରେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିବା ଅନ୍ୟ ଏକ ଆକର୍ଷଣ ଥିଲା।

ଶୁକ୍ରବାର ରଥଯାତ୍ରା ପାଇଁ ବାରିପଦା ଚଳଚଞ୍ଚଳ ହୋଇପଡିଥିଲା। ଶୁକ୍ରବାର ଅପରାହ୍ନ ୩ଟାରେ ପ୍ରଥମେ ବଳଭଦ୍ରଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଇଥିଲେ। ୩ଟା ୫୦ ବେଳେ ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ ବଳଭଦ୍ର। ସେହିପରି ୪ଟା ୧୦ରେ ଦେବୀ ସୁଭଦ୍ରାଙ୍କ ରଥକୁ ସବୁଥର ପରି ମହିଳାମାନେ ଟାଣି ୫ଟାରେ ମଝି ରାସ୍ତାରେ ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥିଲେ। ରଥଯାତ୍ରାର ପ୍ରଥମ ଦିନ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିଲା।



ମହିଳାମାନେ ସୁଭଦ୍ରାଙ୍କ ରଥ ଟାଣୁଛନ୍ତି।

ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିବା ପରମ୍ପରା ରହିଥିବାରୁ ଜିଲା ତଥା ଜିଲା ବାହାରୁ ମହିଳା ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଡା. ବୁଢ଼ାନ ମୁର୍ମୁ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ରହି ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥକୁ ଟାଣିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ସେହିପରି ଜିଲାପାଳ ବିନିତ ଭରଦ୍ୱାଜ, ଦେବୋତ୍ତର ବିଭାଗ ଅଧିକାରୀ ତଥା ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ରଥଯାତ୍ରାର ସୁପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଶନିବାର ୨ଟା ୩୦ରେ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଉନ ଥାନା ସମ୍ମୁଖରୁ ଟାଣି ମାଉସୀ ମା' ମନ୍ଦିର ନିକଟକୁ ନେବେ। ପରେ ବଡ଼ଦାଣ୍ଡରେ ଥିବା ଜଗନ୍ନାଥଙ୍କ ରଥକୁ ଟାଣି ମାଉସୀ ମା' ମନ୍ଦିରରେ ପହଞ୍ଚାଇବା ପରେ ଶନିବାର ରାତିରେ ଗୁଣ୍ଡିଚା ମନ୍ଦିରକୁ ପହଣ୍ଡି ବିଜେ ହେବା କାର୍ଯ୍ୟକ୍ରମ ରହିଛି।

**ବାରିପଦା ରଥଯାତ୍ରା**
- ମାଉସୀ ମା' ମନ୍ଦିର ସମ୍ମୁଖରେ ବଡ଼ଭାଇ
- ମଝିରାସ୍ତାରେ ଭଉଣୀ
- ଆଜି ବାହାରିବେ କାଳିଆ ସାଆନ୍ତ

## ରଥଯାତ୍ରାର ଏପାଖ ସେପାଖ ...

### ପ୍ରଶାସନିକ ଅଧିକାରୀଙ୍କ ପାଇଁ ରଥଟଣା ବିଳମ୍ୱ

ଦେବୋତ୍ତର ବିଭାଗ ତଥା ଜିଲା ପ୍ରଶାସନ ଦ୍ୱାରା ରଥ ଟଣା ଯିବାର ସମୟ ନିର୍ଘଣ୍ଟ କରାଯାଇଥାଏ। ଦୁଇ ଦିନ ଧରି ୨ ଟା ୩୦ ରୁ ୫ ଟା ୩୦ ଯାଏଁ ରଥ ଟଣା ହେବା ନେଇ ସମୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ବାରିପଦା ରଥଯାତ୍ରାର ପ୍ରଥମ ଦିନରେ ସମସ୍ତ ପ୍ରସ୍ତୁତି ସରିଥିଲେ ମଧ୍ୟ ପ୍ରାୟ ଅଧାଘଣ୍ଟା ବିଳମ୍ୱରେ ରଥ ଟଣା ଆରମ୍ଭ ହୋଇଥିଲା। ଏହାର କାରଣ ଖୋଜିବାରୁ ଜଣାପଡିଲା ଯେ, ୨ ଜଣ ପ୍ରଶାସନିକ ଅଧିକାରୀ ରଥଦାଣ୍ଡରେ ପହଞ୍ଚି ନ ଥିଲେ। ଏହି ଅଧିକାରୀମାନେ ପହଞ୍ଚିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ପ୍ରଶାସନିକ ଅଧିକାରୀଙ୍କୁ ଠାକୁର ଅପେକ୍ଷା କରିଛନ୍ତି ବୋଲି ରଥ ଟଣା ବିଳମ୍ୱ ହେବାର କାରଣ ନେଇ ୨ଜଣ ଶ୍ରଦ୍ଧାଳୁ ପରସ୍ପର ମଧ୍ୟରେ ଆଲୋଚନା କରୁଥିଲେ।

### ସୁଭଦ୍ରାଙ୍କ ରଥଟଣାରେ ପୁରୁଷ ପୋଲିସ କର୍ମଚାରୀ

ବାରିପଦା ରଥଯାତ୍ରାରେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିବାର ପରମ୍ପରା ରହିଛି। ତେଣୁ ଏହି ରଥ ଟଣାବେଳେ କେବଳ ମହିଳା ପୋଲିସମାନଙ୍କୁ ଏଠାରେ ସମସ୍ତ ପରିଚାଳନା ଦାୟିତ୍ୱ ଦେବାକୁ ଆଲୋଚନା ହୋଇଥାଏ। ରଥଯାତ୍ରା ପ୍ରସ୍ତୁତି ବୈଠକରେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇଥିଲା। ହେଲେ ଶୁକ୍ରବାର ଅନୁଷ୍ଠିତ ରଥଯାତ୍ରାରେ ମହିଳା ପୋଲିସ ଅପେକ୍ଷା ପୁରୁଷ ପୋଲିସ କର୍ମଚାରୀଙ୍କ ସଂଖ୍ୟା ଅଧିକ ଥିଲା। ଏହି ପୁରୁଷ ପୋଲିସ କର୍ମଚାରୀମାନେ ମହିଳାମାନଙ୍କ ଭିଡ଼ ଭିତରେ ରହିଥିଲେ, ଯାହାକୁ କିଛି ମହିଳା ବିରୋଧ କରିଥିଲେ। ଏପରି କି ରଥଟଣା ବେଳେ ପୁରୁଷ ପୋଲିସ କର୍ମଚାରୀମାନେ ଠେଲାପେଲା କରୁଥିବା ବେଳେ କିଛି ମହିଳା ତଳେ ପଡିଯାଇଥିବା ଦେଖିବାକୁ ମିଳିଥିଲା।

### ରାଜନେତାଙ୍କ ଶକ୍ତି ପ୍ରଦର୍ଶନ

ବାରିପଦା ରଥଯାତ୍ରାରେ ନିର୍ବାଚିତ ପ୍ରତିନିଧି ତଥା ରାଜନେତାମାନଙ୍କ ଗହଳି ଲାଗି ରହିଥିଲା। ରଥଯାତ୍ରା ଆରମ୍ଭରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ତାଙ୍କ ସମର୍ଥକମାନଙ୍କ ସହିତ ଉପସ୍ଥିତ ରହି ରଥ ଟାଣିଥିଲେ। ସେହିପରି ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ମଧ୍ୟ ଯୁବଛାତ୍ର କର୍ମୀମାନଙ୍କ ସହିତ ରଥଯାତ୍ରାରେ ଉପସ୍ଥିତ ରହି ଶକ୍ତି ପ୍ରଦର୍ଶନ କରିଥିଲେ। ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଡା. ବୁଢ଼ାନ ମୁର୍ମୁ ଉପସ୍ଥିତ ରହି ରଥ ଟାଣିଥିଲେ।

### ପଲିଥିନମୁକ୍ତ ବାରିପଦା ଗଠନ ପାଇଁ ସଚେତନତା ଅଭିଯାନ

ରାଜ୍ୟ ସରକାର ପଲିଥିନ ବ୍ୟବହାରକୁ ନିଷେଧ କରିଛନ୍ତି। ତେବେ ସଚେତନତା ଅଭାବରୁ ଲୋକେ ଏପର୍ଯ୍ୟନ୍ତ ଏହାକୁ ବ୍ୟବହାର କରୁଛନ୍ତି। ଏଣୁ ଲୋକମାନଙ୍କୁ ସଚେତନ କରିବା ପାଇଁ ବଡ଼ଦାଣ୍ଡର ସମସ୍ତ ଦୋକାନ ଓ ବଜାର ବୁଲି ବୁଲି ପଲିଥିନ ବ୍ୟବହାର ନ କରିବାକୁ ସବୁଜ ସୁନ୍ଦର ବାରିପଦାର ଆବାହକ ଜିତେନ୍ଦ୍ର ମହାନ୍ତି ସଚେତନ କରୁଥିବା ଦେଖିବାକୁ ମିଳିଥିଲା।

### ଆଗଭଳି ଜମିଲାନି ଭିଡ଼

ବାରିପଦା ରଥଯାତ୍ରାରେ ପ୍ରତିବର୍ଷ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ହେଲେ ଏ ବର୍ଷ ଅପେକ୍ଷାକୃତ କମ୍ ଭିଡ଼ ପରିଲକ୍ଷିତ ହୋଇଥିଲା। ଜିଲା ପ୍ରଶାସନ ବଡ଼ଦାଣ୍ଡରେ ଉଠା ଦୋକାନୀମାନଙ୍କ ଉପରେ କଟକଣା କରିଥିବା ଏହାର ମୁଖ୍ୟ କାରଣ ବୋଲି ରଥଯାତ୍ରାକୁ ଆସିଥିବା କିଛି ଲୋକ କହିଛନ୍ତି। ପୂର୍ବରୁ ରଥଟଣା ସରିବା ପରେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ଓ ମଝି ରାସ୍ତାରେ ଛୋଟ ବଡ ଉଠା ଦୋକାନ ଲାଗି ରହୁଥିଲା। ମାତ୍ର ଏ ବର୍ଷ କମ୍ ଦୋକାନ ଲାଗିଛି।

## ବିଦ୍ୟାଳୟରୁ ନାଗ ଉଦ୍ଧାର

ଉଦଳା,୫।୭(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ଦୁଗୁଧା ପଞ୍ଚାୟତ ଆମ୍ବଡିହା ପ୍ରାଇମେରି ବିଦ୍ୟାଳୟରୁ ଏକ ବିଷାକ୍ତ ସାପ ଉଦ୍ଧାର ହୋଇଛି । ବିଦ୍ୟାଳୟ ଶ୍ରେଣୀଗୃହରେ ଏକ ନାଗସାପ ରହିଥିବା ପ୍ରଧାନଶିକ୍ଷୟିତ୍ରୀ ଦେଖିବାକୁ ପାଇଥିଲେ। ଏ ନେଇ ସେ ସ୍ନେକ୍ ଲାଇଫ୍ ଲାଇନର ସଦସ୍ୟ ଅଭିଜିତ୍ ବେହେରାଙ୍କୁ ଜଣାଇଥିଲେ । ସ୍ନେକ ଲାଇଫ୍ ଲାଇନର ସଦସ୍ୟ ବେହେରା ଏବଂ ସାଥୀ ଅଭିନନ୍ଦନ ଦଣ୍ଡପାଟ ବିଦ୍ୟାଳୟ ପରିସରରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ । ଉଦ୍ଧାର ସାପଟି ନାଗସାପ ହୋଇଥିବା ବେଳେ ତାହାର ଲମ୍ବ ୫ ଫୁଟ ହେବ। ଉଦ୍ଧାର ସାପଟିକୁ ଶିମିଳିପାଳ ଜଙ୍ଗଲରେ ଛାଡି ଦିଆଯାଇଛି ।



## ବିଶୋଇରେ ରଥ ଯାତ୍ରା

ବିଶୋଇ,୫।୭(ଡି.ଏନ.ଏ)

ବିଶୋଇ ଅଞ୍ଚଳରେ ଶୁକ୍ରବାର ମହାଆଡ଼ମ୍ବରେ ରଥଯାତ୍ରା ଶେଷ ହୋଇଛି। ଅପରାହ୍ନରେ ମୁଖ୍ୟ ପୂଜକ ଦୁର୍ଗା ପ୍ରସାଦ ଶର୍ମା ଓ ଶ୍ରୀପତି ପଣ୍ଡାଙ୍କ ଦ୍ୱାରା ସମସ୍ତ ରୀତି ନୀତି ସମ୍ପୂର୍ଣ୍ଣ କରାଯିବା ପରେ ସମାଜସେବୀ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ରଥରେ ଛେରାପହଁରା କରିଥିଲେ।

## ଭଦ୍ରକ

### ୧୬ ପଞ୍ଚାୟତରୁ ୨.୫୦ ଲକ୍ଷ ନିଲାମ ଅର୍ଥ ଆଦାୟ

ବନ୍ତ, ୫।୭(ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ପୋଖରୀ, ହାଟ, ବଗିଚା, ଘାଟ, କାଞ୍ଜିଆହୁଦା, ଆମ୍ବତୋଟା ଆଦି ବିଭିନ୍ନ ସଂସ୍ଥାର ନିଲାମ କାର୍ଯ୍ୟ ଚାଲିଛି। ଶୁକ୍ରବାର ସୁଦ୍ଧା ଓଡ଼ଙ୍ଗ, ବଡ଼ବର୍ଦ୍ଧିକୟାଁ, ଚାରିଗାଁ, ପୁରୁଷଣ୍ଡ, ବସନ୍ତିଆ, ବନ୍ତ, ପଧାନପଡ଼ା, ଆଡ଼ିଆ, ବଡ଼ମହିଷଗୋଠ, ଗୋପୀନାଥପୁର, ଛୟାଳସିଂ ସମେତ ୧୬ ପଞ୍ଚାୟତରୁ ୨ ଲକ୍ଷ ୫୦ ହଜାର ଟଙ୍କା ନିଲାମ ଅର୍ଥ ଆଦାୟ ହୋଇଥିବା ଜଣାଯାଇଛି। ଅବଶିଷ୍ଟ ପଞ୍ଚାୟତଗୁଡ଼ିକରେ ଆସନ୍ତା ୧୬ ତାରିଖ ମଧ୍ୟରେ ନିଲାମ କାର୍ଯ୍ୟ ଶେଷ ହେବ ବୋଲି ଜିପିଓ ନିଶିକାନ୍ତ ଖୁଣ୍ଟିଆ କହିଛନ୍ତି।

### ନିର୍ମାଣ ଶ୍ରମିକଙ୍କୁ ମିଳିଲା ୬୭ ପକ୍କାଘର

ବନ୍ତ, ୫।୭(ଡି.ଏନ.ଏ.): ରାଜ୍ୟ ସରକାରଙ୍କ ପକ୍ଷରୁ ବନ୍ତ ବ୍ଲକର ନିର୍ମାଣ ଶ୍ରମିକମାନଙ୍କୁ ୨୦୧୮-୧୯ ଆର୍ଥିକ ବର୍ଷରେ ମୋଟ ୬୭ଟି ପକ୍କାଘର ଯୋଗାଇ ଦିଆଯାଇଥିବା ଜଣାଯାଇଛି। ଏବେ ବର୍ଷାଋତୁ ଆସିଯାଇଥିବାରୁ ଘର ତିଆରି କରିବା ସମ୍ଭବ ନୁହେଁ ବୋଲି କେତେକ ହିତାଧିକାରୀ କହିଛନ୍ତି।

### ପ୍ରଥମଥର ଗଡ଼ିଲା ରଥ

ଭଦ୍ରକ ଅଫିସ, ୫।୭: ଚଳିତବର୍ଷ ପ୍ରଥମଥର ପାଇଁ ଭଦ୍ରକ ବ୍ଲକ ଦଇସିଂ ପଞ୍ଚାୟତର କୁସୁନୁନଗରରେ ରଥ ଗଡ଼ିଛି। ୩ ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୋହଣ କରାଯାଇଥିଲା। ପାଲାଗାୟକ ନାରାୟଣ ଚନ୍ଦ୍ର ପଣ୍ଡା ଛେରାପହଁରା କରିଥିଲେ। ପଦ୍ମଲୋଚନ ସାହୁ, ଭାଗୀରଥି ପାଢ଼ୀ, ବୃନ୍ଦାବନ ପଣ୍ଡା, ରବୀନ୍ଦ୍ର ପାଢୀ ପରିଚାଳନା କରିଥିଲେ।

### ଆଜି କ'ଣ କେଉଁଠି

ଭଦ୍ରକ

- ଜିଲାସ୍ତରୀୟ ବନ ମହୋତ୍ସବ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ରାଜସ୍ୱ ଆଦାୟ ଓ ମକଦ୍ଦମା ଫଇସଲାର ସମୀକ୍ଷା, ସ୍ଥାନ: ଭଣ୍ଡାରିପୋଖରୀ ତହସିଲ ଅଫିସ ପରିସର, ସମୟ: ଅପରାହ୍ନ ୨ଟା ୩୦।

## ବାରଣ୍ଡାରେ ମଧ୍ୟାହ୍ନଭୋଜନ ରୋଷେଇ

ବନ୍ତ, ୫।୭(ଡି.ଏନ୍.ଏ.)

- ୫୬ ସ୍କୁଲରେ ନାହିଁ ରୋଷେଇ ଘର
- କେତେକ ସ୍ଥାନରେ ଅଧାପନ୍ତରିଆ

ଭଦ୍ରକ ଜିଲା ବନ୍ତ ବ୍ଲକର ଅଧିକାଂଶ ସ୍କୁଲରେ ରୋଷେଇ ଘର ନ ଥିବାବେଳେ ଆଉ କେତେକ ସ୍କୁଲରେ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ବାରଣ୍ଡାରେ ହେଉଥିବା ଦେଖାଯାଇଛି। ଏଭଳି ଅବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହାର ସମାଧାନ କରାଯାଉ ବୋଲି ସାଧାରଣରେ ଦାବି କରାଯାଇଛି।

ପ୍ରକାଶ ଯେ, ବନ୍ତ ବ୍ଲକରେ ମୋଟ ୨୩୫ଟି ସ୍କୁଲକୁ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଥିବା ବେଳେ ସେଥିମଧ୍ୟରୁ ୧୭୯ ସ୍କୁଲରେ ରୋଷେଇ ଘର ଅଛି। ୫୬ ସ୍କୁଲରେ ରୋଷେଇ ଘର ନ ଥିବା ତଥ୍ୟ ସାମ୍ନାକୁ ଆସିଛି। ସେଥିମଧ୍ୟରୁ କେତେକ ସ୍କୁଲରେ ଆଦୌ ରୋଷେଇ ଘର ନ ଥିବାବେଳେ ଆଉ କେତେକ ସ୍କୁଲରେ ଗୃହ ନିର୍ମାଣ କରାଯାଇ ଅଧାରେ ଅଟକି ରହିଛି। ପଧାନପଡ଼ା ପଞ୍ଚାୟତ ଆଦିବାସୀ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ରୋଷେଇ ଘର ନ ଥିବାରୁ ବାରଣ୍ଡାରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳିଛି। ୨୦୦୮ ମସିହାରେ ଏଠାରେ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବା ବେଳେ ପଧାନପଡ଼ା, ଆଦିବାସୀ ସାହି ଓ ନିମପଲ୍ଲୀ ଆଦି ଗ୍ରାମରୁ ଅନୁସୂଚିତ ଜାତି ଏବଂ ଜନଜାତି ସମ୍ପ୍ରଦାୟର ପିଲା ଅଧ୍ୟୟନ କରୁଛନ୍ତି। ଖୋଲାସ୍ଥାନରେ ରୋଷେଇ ହେଉଥିବାରୁ ଝଡ଼ ବର୍ଷା ସମୟରେ ନାନା ଅସୁବିଧା ହେଉଛି। ସେହିପରି ପାଚେରି ନ ଥିବାରୁ ବିଦ୍ୟାଳୟ ଅସୁରକ୍ଷିତ ହୋଇପଡ଼ିଛି। ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ଲୋକେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ରଙ୍କୁ ପଚାରିବାରୁ ଯେଉଁଠି ରୋଷେଇ ଘର ନାହିଁ, ସେସବୁ ସ୍କୁଲର ତାଲିକା ଡିପିସି ଅଫିସ୍‌କୁ ପଠାଯାଇଥିବା କହିଛନ୍ତି।



ପଧାନପଡ଼ା ଆଦିବାସୀ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ ରୋଷେଇ ଚାଲିଛି।

## ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ

ବାସୁଦେବପୁର, ୫।୭(ଡି.ଏନ.ଏ.)

ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଦିବ୍ୟାଙ୍ଗ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୩୦ ଦିବ୍ୟାଙ୍ଗ ପିଲାଙ୍କୁ ହ୍ୱିଲ୍‌ଚେୟାର, ୬୯ ମାନସିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ କିଟ୍‌ସ, ୨ ଜଣଙ୍କୁ ଆଶାବାଡ଼ି, ୨ ଜଣଙ୍କୁ ରୋଲେଟର ଓ ୨ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଦିବ୍ୟାଙ୍ଗ ପିଲାଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଚିହ୍ନଟ କରାଯାଇପାରିଲେ ସେମାନଙ୍କର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଇଓ ରବୀନ୍ଦ୍ର ନାରାୟଣ ମଲ୍ଲିକ, ଏବି ହାଇସ୍କୁଲ ପ୍ରଧାନ ଶିକ୍ଷକ ଯାମିନୀକାନ୍ତ ପାଢ଼ୀ ଓ ଏବିଇଓ ଗଙ୍ଗାଧର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ସହକାରୀ ବ୍ଲକ ଶିକ୍ଷାଧିକାରୀ ରମାକାନ୍ତ ପାଢ଼ୀ। ସିଆର୍‌ସିସି ପ୍ରଣୟ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଆର୍‌ପି ଉଦ୍ଧାର ପାଣିଗ୍ରାହୀ, ସନ୍ତୋଷୀ ମହଲା, ଆଇଇଭି ନିରଞ୍ଜନ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଦିବ୍ୟାଙ୍ଗ ପିଲାଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଉଛି।

## ଜିଲାପାଳଙ୍କୁ ଭେଟିଲେ ଝାଡ଼ୁଦାର, ଠିକାଶ୍ରମିକ

ଭଦ୍ରକ ଅଫିସ, ୫।୭

ଭଦ୍ରକ ପୌରପାଳିକା ଅଧୀନରେ କାର୍ଯ୍ୟରତ ଶତାଧିକ ମହିଳା ଓ ପୁରୁଷ ଝାଡ଼ୁଦାର, ଠିକାଶ୍ରମିକ ଶୁକ୍ରବାର ଅପରାହ୍ନରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇଛନ୍ତି। ୫ବର୍ଷ ଧରି ସେମାନଙ୍କ ଦରମାରୁ ଇପିଏଫ୍, ଇଏସ୍‌ଆଇ କଟାଯାଉଥିଲେ ମଧ୍ୟ ସମ୍ପୃକ୍ତ କାର୍ଯ୍ୟାଳୟରେ ଉକ୍ତ ଟଙ୍କା ଜମା କରା ନ ଯାଇ ଠିକାସଂସ୍ଥା ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ଜଣାଇଥିଲେ। ଏ ଦିଗରେ ଉପଯୁକ୍ତ ପଦକ୍ଷେପ ଦାବି କରି ସେମାନେ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଦୁଇଥର ଧାରଣା ଦେବା ସହ ଟାଉନ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିସାରିଛନ୍ତି। ଜିଲାପାଳ ଦାସ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ସାହୁଙ୍କୁ ଡାକି ଆଲୋଚନା କରି ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପଯୁକ୍ତ ପଦକ୍ଷେପ ନିଆ ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବେ ବୋଲି ଝାଡ଼ୁଦାରମାନେ ଚେତାବନୀ ଦେଇଛନ୍ତି।

## ପ୍ରତ୍ୟେକ ଛାତ୍ରୀଛାତ୍ର ପଢ଼ିବେ ଅନର୍ସ

ତିହିଡ଼ି, ୫।୭ (ଡି.ଏନ.ଏ.)

ତିହିଡ଼ି ବ୍ଲକ ପାଳିଆବିନ୍ଧାସ୍ଥିତ ବିରଞ୍ଚିନାରାୟଣ ମାଧବ ଅର୍ଜୁନ କଲେଜରେ ଯୁକ୍ତ ୩ ବିଜ୍ଞାନ, ବାଣିଜ୍ୟ ଓ କଳାରେ ନାମ ଲେଖାଉଥିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଅନର୍ସ ନେଇ ପଢ଼ିବାକୁ ସୁଯୋଗ ଦିଆଯିବ। କଲେଜର ନୂତନ ଅଧ୍ୟକ୍ଷ ଡ. ଅଜିଜୁର ରହେମାନ ଗତମାସଠାରୁ ଦାୟିତ୍ୱ ନେବା ପରେ ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଥମେ ଯୁକ୍ତ ୩ରେ ଅନର୍ସ ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ପଦକ୍ଷେପ ନେଇଛନ୍ତି। ପୂର୍ବରୁ କେତୋଟି ନିର୍ଦ୍ଦିଷ୍ଟ ବିଷୟରେ ସୀମିତ ସଂଖ୍ୟାରେ ଅନର୍ସ ସିଟ୍ ଥିଲା। ଫଳରେ ଅଧିକାଂଶ ଛାତ୍ରୀଛାତ୍ରଙ୍କର ଅନର୍ସ ପଢ଼ିବାକୁ ଇଚ୍ଛା ଥିଲେ ହେଁ ସେମାନେ ଚୟନ ପ୍ରକ୍ରିୟାରୁ ବାଦ୍ ପଡୁଥିଲେ। ଏଣିକି ନୂତନ ଶିକ୍ଷାବର୍ଷ ଆରମ୍ଭରେ ଯେଉଁ ଛାତ୍ରଛାତ୍ରୀ ଯୁକ୍ତ ୩ ପ୍ରଥମବର୍ଷରେ ନାମ ଲେଖାଇବେ ସେମାନଙ୍କୁ ଆଉଥରେ ଅନର୍ସରେ ନାମ ଲେଖାଇ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।

ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଚିଠି ନମ୍ବର ୩୮୯୪/ତା ୩।୭।୧୯ ରିଖ ଅନୁଯାୟୀ, ବିଜ୍ଞାନରେ ସିବିଜେଡ୍ ପାଇଁ ଉଭୟ ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନରେ ୩୨ଟି ଲେଖାଏ ୬୪ ଓ ପିସିଏମ୍ ପାଇଁ ପଦାର୍ଥ ବିଜ୍ଞାନରେ ୫୬, ରସାୟନ ବିଜ୍ଞାନରେ ୪୮ ଓ ଗଣିତରେ ୨୪ ମୋଟ ୧୨୮ ଆସନକୁ ଅନର୍ସ ଅନୁମୋଦନ ମିଳିଛି। ସେହିପରି ବାଣିଜ୍ୟରେ ମୋଟ ୨୫୬ ସିଟ୍‌କୁ ଅନର୍ସ ଓ କଳା ପାଇଁ ଶିକ୍ଷାରେ ୪୦, ରାଜନୀତି ବିଜ୍ଞାନରେ ୪୦, ଅର୍ଥଶାସ୍ତ୍ରରେ ୩୨, ଇଂଲିଶରେ ୧୬, ଇତିହାସରେ ୩୨, ଓଡ଼ିଆରେ ୩୨, ଦର୍ଶନଶାସ୍ତ୍ରରେ ୧୬ ଓ ସାଧାରଣ ପ୍ରଶାସନରେ ୩୨ ମୋଟ ୨୪୦ଟି ଆସନକୁ ଅନର୍ସ ଅନୁମୋଦନ ମିଳିଥିବା ଅଧ୍ୟକ୍ଷ ଡ. ରହେମାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାର ଏକ ପୁରାତନ କଲେଜ ଭାବେ ପାଳିଆବିନ୍ଧା କଲେଜରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ସର୍ବାଧିକ। କଲେଜକୁ କେନ୍ଦ୍ରୀୟ ନାକ୍ ମାନ୍ୟତା ମିଳିବା ପରେ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ଦୃଷ୍ଟିରୁ ପ୍ରତ୍ୟେକ ଛାତ୍ରୀଛାତ୍ର ସମ୍ମାନ ନେଇ ସ୍ନାତକ ଅଧ୍ୟୟନ କରିବାର ସୁଯୋଗ ସୃଷ୍ଟି କରିବା ଜରୁରୀ ଥିଲା।

## ୬୫ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଅନ୍ୟମାନଙ୍କ ଗହଣରେ ଜଣେ ଯୁବକ ରକ୍ତଦାନ କରୁଛନ୍ତି।

ଭଦ୍ରକ ଅଫିସ, ୫।୭

ଭଦ୍ରକ ଶହୀଦ ଭଗତସେନା ପକ୍ଷରୁ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ୧୧୭ତମ ସ୍ୱାମୀ ବିବେକାନନ୍ଦଙ୍କ ପୁଣ୍ୟତିଥି ଅବସରରେ ଗୁରୁବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧାମନଗର ବ୍ଲକ ଅସୁରାଳି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ରକ୍ତଦାନ ଶିବିର ହୋଇଥିଲା। ଏଥିରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବଗୋଷ୍ଠୀ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ସଙ୍ଗଠନର ମୁଖ୍ୟ ଆବାହକ ସିତାଂଶୁ ମହାପାତ୍ର ପରାମର୍ଶ ଦେଇଥିଲେ। ଶତାଧିକ ଯୁବଗୋଷ୍ଠୀ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭଦ୍ରକ ରକ୍ତଭଣ୍ଡାର ଡାକ୍ତର ଓ କର୍ମକର୍ତ୍ତା ରକ୍ତ ସଂଗ୍ରହରେ ସହାୟତା କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ଜୁଲାଇ ୬/୨୦୧୯ Balasore, Saturday, July 6/2019

No.1 EXCELLENCE AWARDED (MAXIM) IN INDIA
MBBS Study in Abroad
RUSSIA | KYRGYZSTAN | KAZAKHSTAN | UKRAINE
4210 DOCTORS SUCCESSFULLY RETURNED
Dr. Sudhakar Tiwari Available for Spot Admission and Counselling
AT BHUBANESHWAR- 8th July Hotel Arya Palace
AT BALASORE- 9th July Lucky International
AT SAMBALPUR- 10th July Hotel Sheela Tower
MAXIM EDU. PVT. LTD.
OFFICE : - Plot No. : 85, Lane No. 6, Bapuji Nagar, BHUBANESHWAR Mob. : 7381600301, 9300432509,
Since 1990
Toll Free - 1800-270-2007 | www.maximedu.com

ତୀର୍ଥ ଭ୍ରମଣ ସ୍ପେଶାଲ
REGD. NO. 465, ORGR,- BANAMALI PANDA, KHAIRABAD, JAJPUR, M- 9437310046, 9668114682
ପ୍ୟାକେଜ୍ ଟ୍ରେନ୍ ଟୁର୍ : ୧ମ ଯାତ୍ରା (ଉତ୍ତର ଭାରତ): ପିତୃପକ୍ଷ ମହାଳୟା ଉପଲକ୍ଷେ ପୁରୀ-ଭୁବନେଶ୍ୱର ଷ୍ଟେସନ୍‌ରୁ ତା.୦୯।୦୯।୧୯ରୁ ବାହାରି ଏଲ୍ଲାବାଦ (ତ୍ରିବେଣୀ ସଙ୍ଗମ), ଆଗ୍ରା, ଗୋପ, ମଥୁରା, ବୃନ୍ଦାବନ ଦିଲ୍ଲୀ, ଅକ୍ଷରଧାମ, ଅମୃତସର, ୱାଘାବର୍ଡର, ଜାମ୍ମୁ, କଟରା, ବୈଷ୍ଣବଦେବୀ, ହରିଦ୍ୱାର, ଋଷିକେଶ, ଡେରାଡୁନ୍, ମସୁରୀ, ବଦ୍ରିନାରାୟଣ ଧାମ, ଅଯୋଧ୍ୟା କାଶୀ, ବାରାଣସୀ, ଗୟା, ବୁଦ୍ଧଗୟା ହୋଇ ୨୪।୦୯ରେ ପୁରୀ ପହଞ୍ଚିବ। ୨ୟ ଯାତ୍ରା: ୨୫।୦୯ରେ ଭୁବନେଶ୍ୱରରୁ ବାହାରି ଏଲ୍ଲାବାଦ (ତ୍ରିବେଣୀ ସଙ୍ଗମ), ଗୟା, ପିଣ୍ଡଦାନ, ବୁଦ୍ଧଗୟା, କାଶୀ, ବାରାଣସୀ ହୋଇ ତା.୩୦।୦୯ରେ ପୁରୀ ପହଞ୍ଚିବ। ୩ୟ ଯାତ୍ରା: ଦକ୍ଷିଣ ଭାରତ : ୦୪।୧୦ରେ ଭୁବନେଶ୍ୱରରୁ ବାହାରି ଚେନ୍ନାଇ, ମହାବଳୀପୁରମ୍, ଶିବକାଞ୍ଚି, ବିଷ୍ଣୁକାଞ୍ଚି, ମଦୁରାଇ, ମିନାକ୍ଷୀଦେବୀ, ସେତୁବନ୍ଧ, ରାମେଶ୍ୱରଧାମ, ତ୍ରିଚନାପଲ୍ଲୀ, ନଗରକୋଏଲ୍, କନ୍ୟାକୁମାରୀ, ତ୍ରିଭେନ୍ଦ୍ରମ୍, ବେଙ୍ଗାଲୁରୁ, ମହୀଶୂର ପ୍ୟାଲେସ୍, ବୃନ୍ଦାବନ ଗାର୍ଡେନ, ତିରୁପତି ବାଲାଜି ହୋଇ ତା.୧୬।୧୦ରେ ପୁରୀ ପହଞ୍ଚିବ। ୪ର୍ଥ ଯାତ୍ରା: ପଶ୍ଚିମ / ମଧ୍ୟ ଭାରତ: ୨ଧାମ ୬ଗୋଟି ଜ୍ୟୋତିର୍ଲିଙ୍ଗ ଭ୍ରମଣ ଉପଲକ୍ଷେ ପୁରୀ ଷ୍ଟେସନରୁ ତା.୩୧।୧୦ରୁ ବାହାରି ଉଜ୍ଜୟିନୀ, ଅହମ୍ମଦାବାଦ, ଭିରାଭଲ, ସୋମନାଥ, ପ୍ରଭାସତୀର୍ଥ, ଦ୍ୱାରକାଧାମ, ଭେଟଦ୍ୱାରକା, ନାଗେଶ୍ୱର, ମାଉଣ୍ଟଆବୁ, ଆଜ୍ମିର୍, ପୁଷ୍କର, ପୁନେ, ଶନିସିଙ୍ଗାପୁର, ଔରଙ୍ଗାବାଦ,ଘୃଷ୍ଣେଶ୍ୱର, ନାସିକ, ତ୍ର୍ୟମ୍ବକେଶ୍ୱର, ଶିରିଡିସାଇ ହୋଇ ତା.୧୦।୧୧ରେ ପୁରୀ ପହଞ୍ଚିବ। ସକାଳେ ଚା-ବିସ୍କୁଟ, ଦୁଇଓଳି ଖାଦ୍ୟ, ଲଜିଂ ରହଣି ଓ ପାର୍ଶ୍ୱ ଗାଡ଼ିଖର୍ଚ୍ଚ ସହ ଜଣପ୍ରତି ୧ମ ଯାତ୍ରା ଟ.୧୫,୫୦୫ଙ୍କା (ହରିଦ୍ୱାରଠାରୁ ବଦ୍ରିନାରାୟଣ ଧାମ ଯାତାୟାତ ଖର୍ଚ୍ଚ, ରହିବା ଓ ଖାଦ୍ୟ ଯାତ୍ରୀ ବହନ କରିବେ), ୨ୟ ଯାତ୍ରା ଟ.୬,୫୦୦ଙ୍କା, ୩ୟ ଯାତ୍ରା ଟ.୧୫,୦୫୦ଙ୍କା । ୪ର୍ଥ ଯାତ୍ରା ଟ.୧୫,୦୭୫ଙ୍କା। ପ୍ରତ୍ୟେକ ଯାତ୍ରା ପାଇଁ ଅଗ୍ରୀମ ୧୫୦୦ଟଙ୍କା ଦେଇ ନିମ୍ନଠିକଣାରେ କିମ୍ବା ପରିଚାଳକଙ୍କ ସହ ଯୋଗାଯୋଗ କରି ସିଟ୍ ବୁକିଂ କରନ୍ତୁ। ବିଜ୍ଞାପନ ପ୍ରକାଶ ପାଇବାର ୮ଦିନ ପର୍ଯ୍ୟନ୍ତ ଅଗ୍ରୀମ ଗ୍ରହଣ କରାଯିବ। ନଚେତ୍ ଟିକେଟ୍ ମିଳିବାର ସମ୍ଭାବନା ଯଥେଷ୍ଟ କମ୍।
ବମ୍ବେ ଡାଇଙ୍ଗ୍, ବକ୍ସିବଜାର, କଟକ- ୯୪୩୮୪୦୮୬୦୫, ୯୪୩୭୨୨୮୪୩୧ / ଭୁବନେଶ୍ୱର-୯୮୬୧୧୪୩୬୭୦ / ସମ୍ବଲପୁର-୯୪୩୭୫୮୮୪୬୪ / ପୁରୀ-୯୪୩୭୧୯୯୫୦୯ / ଅନୁଗୁଳ-୯୮୬୧୪୫୩୬୪୧ / ବାରିପଦା-୯୪୩୭୪୭୮୪୨୪ / ଟିଟିଲାଗଡ଼-୯୪୩୭୩୨୯୨୪୭ / ଆଠମଲ୍ଲିକ-୯୯୩୭୭୩୬୬୨୬ / ଢେଙ୍କାନାଳ-୯୪୩୭୫୪୯୧୦୭ / ବାଲେଶ୍ୱର-୯୯୩୭୦୭୪୦୨୩ / କେନ୍ଦୁଝର-୯୯୩୮୬୮୦୨୩୦ / ବ୍ରହ୍ମପୁର-୯୯୩୮୧୪୬୩୮୧ / ଜୟପୁର-୯୬୬୮୭୨୨୩୧୨ / ବଲାଙ୍ଗୀର-୯୪୩୭୧୯୫୦୫୮ / ଭୁବନ-୭୬୮୨୯୫୧୮୫୯ / ଭଦ୍ରକ-୯୬୬୮୧୧୪୬୮୨ / କୋରାପୁଟ-୯୪୩୭୯୭୨୫୮୧ / ଯାଜପୁରରୋଡ-୯୪୩୭୩୧୦୦୪୬ / ଯାଜପୁର ଟାଉନ-୯୭୭୬୨୫୪୭୫୬ / ସାଲେପୁର-୯୮୬୧୦୫୮୬୮୪ / ରାଉରକେଲା-୯୧୧୪୨୩୪୬୯୭ / କଳାହାଣ୍ଡି-୭୮୯୪୭୩୧୭୭୪ / ସୁନ୍ଦରଗଡ଼-୮୭୬୩୧୮୩୪୬୨ / ବୌଦ୍ଧ-୯୭୭୮୮୧୭୩୦୫ / କେନ୍ଦ୍ରାପଡ଼ା-୯୦୪୦୪୧୬୬୦୪ / ରାୟଗଡ଼ା-୯୪୩୭୮୩୬୦୮୪ / ବରଗଡ଼-୮୬୫୮୯୨୬୮୧୮ / ଜଗତ୍‌ସିଂହପୁର-୯୯୩୭୯୪୦୭୩୪।

ASBM
A Strong Foundation for a Winning Career
ADMISSION - 2019
B.COM (Hons.)
Accounting | Management
Students can apply on the SAMS web portal (http://dheodisha.gov.in/SAMS/degree.aspx) by giving 1st option for ASBM, Bhubaneswar Block, District Khurda.
13th Batch | BBA (Hons.)
Apply Online : www.asbm.ac.in
+91-674-2744884/ 885, 2374838 | TOLL FREE - 18003 4565855

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ମୃତ, ଜଣେ ଆହତ

**ରାସଗୋବିନ୍ଦପୁର,୫।୭(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବେତନଟିଆ ଛକଠାରେ ଶୁକ୍ରବାର ରାତି ୮ ଟା ୩୦ରେ ଏକ ଦୁର୍ଘଟଣାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ରାସଗୋବିନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ମୃତାହତଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଛି। ମୃତାହତଙ୍କ ପରିଚୟ ଜଣା ପଡି ନ ଥିବା ବେଳେ ପୋଲିସ ଘଟଣାରେ ତଦନ୍ତ ଜାରି ରଖିଛି।

### ମହିଳାଙ୍କ ଆତ୍ମହତ୍ୟା

**ତିହିଡ଼ି, ୫।୭(ଡି.ଏନ୍.ଏ.):** ତିହିଡ଼ି ଥାନା ଅଧୀନ ବାରୋ ଗ୍ରାମର ସୁକୁମାରୀ ବୋଇତି ନାମ୍ନୀ ଜଣେ ମହିଳା ଗୁରୁବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତିହିଡ଼ି ଥାନା ପୋଲିସ ଅପମୃତ୍ୟୁ ମାମଲା(ନଂ.୩୨/୧୯) ରୁଜୁକରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପାରିବାରିକ କଳହକୁ ନେଇ ସୁକୁମାରୀ ଆତ୍ମହତ୍ୟା କରିଥିବା କୁହାଯାଉଛି।

### ଥମୁନି ଚୋରା ମଦ ଚାଲାଣ

**ନୀଳଗିରି, ୫।୭(ଡି.ଏନ.ଏ.):** ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରେ ଚୋରା ମଦ କାରବାର ଦିନକୁ ଦିନ ବଢ଼ିଚାଲିଛି। ଅବକାରୀ ବିଭାଗ ଚଢ଼ାଉ ସତ୍ତ୍ୱେ ଥମୁନି ମଦ ଚାଲାଣ। ଶୁକ୍ରବାର ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଏ ନେଇ ବିଭାଗରେ ପିଆର୍ (ନଂ.୪୫/୧୯, ୪୬/୧୯ ଓ ୪୭/୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ସେ ହେଲେ ବରହମ୍ପୁର ଥାନା ନଟାପଦା ଗାଁର ଶରତ କୁମାର ସିଂ, ଆଡ଼ିଆସାହି ଗାଁର ସଦାନନ୍ଦ ସିଂ ଓ ନିସ୍ତାର ସିଂ। ଜିଲା ଅଧୀକ୍ଷକ ରାଜେନ୍ଦ୍ର ଭୋତ୍ରାଙ୍କ ନିର୍ଦ୍ଦେଶରେ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନଙ୍କ ନେତୃତ୍ୱରେ ସହକାରୀ ଉପନିରୀକ୍ଷକ ଚନ୍ଦ୍ରମୋହନ ସେଠୀ ଓ ଭାସ୍କର ଚନ୍ଦ୍ର ବେହେରା ଚଢ଼ାଉରେ ସାମିଲ ଥିଲେ।

# ଥାନା ହେପାଜତରୁ ଲକ୍ଷାଧିକ ଟଙ୍କାର ମାଙ୍ଗାନିଜ ଉଭାନ

**ଯୋଡ଼ା,୫।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳରେ ଖଣିଜ ଦ୍ରବ୍ୟର ଚୋରା କାରବାରକୁ ଏଯାଏ ରୋକାଯାଇ ପାରି ନାହିଁ । ବିଭିନ୍ନ ସମୟରେ ପୋଲିସ ଚଢାଉ କରି ଖଣିଜ ଦ୍ରବ୍ୟ ଚୋରା ଚାଲାଣ କରୁଥିବା ଯାନବାହାନ ଜବତ କରୁଛି। ପୂର୍ବରୁ ଜବତ ହୋଇଥିବା ଲକ୍ଷାଧିକ ଟଙ୍କାର ମାଙ୍ଗାନିଜ ଓ ଲୁହାପଥର ଭଳି ଖଣିଜ ଦ୍ରବ୍ୟ ଯୋଡା ଥାନା ଅନ୍ତର୍ଗତ ବିଲେଇପଦା ଫାଣ୍ଡି ପରିସରରେ ରଖାଯାଇଥିଲା। କେତେ ପରିମାଣରେ ଖଣିଜ ଦ୍ରବ୍ୟ ସେଠାରେ ମହଜୁଦ ଥିଲା, ତାହାର ସଠିକ୍ ହିସାବ ଏବେ ମିଳୁ ନାହିଁ। ସେଠାରୁ ଲକ୍ଷାଧିକ ଟଙ୍କାର ଜବତ ମାଙ୍ଗନିଜ ଭଳି ଖରିଜ ଦ୍ରବ୍ୟ ଉଭାନ ହୋଇଯାଇଥିବା ଅଭିଯୋଗ ହେଉଛି।

କେନ୍ଦୁଝର ଜିଲା ଦେଇ ଯାଇଥିବା ୫୨୦ନଂ ଜାତୀୟ ରାଜପଥ କଡରେ ବିଲେଇପଦା ଫାଣ୍ଡି ରହିଛି। ଏହି ଥାନା ପାର୍ଶ୍ୱସ୍ଥ ରାସ୍ତାର ପ୍ରଶସ୍ତୀକରଣ ବେଳେ ଫାଣ୍ଡିର କିଛି ଜାଗା ଜାତୀୟ ରାଜପଥ ଅଧିଗ୍ରହଣ କରିଥିଲା। ପରେ ଫାଣ୍ଡିରେ ଜବତ କରି ରଖାଯାଇଥିବା ଯାନବାହନଗୁଡିକୁ ଯୋଡା ଥାନାକୁ ସ୍ଥାନାନ୍ତର କରାଯାଇଥିଲା । କିଛିମାସ ପୂର୍ବେ ଏହି ଜବତ ଖଣିଜ ଥାନା ପରିସରରେ ରହିଥିବା ଦେଖିବାକୁ ମଳୁଥିଲା। ଏବେ ଆଉ ତାହା ଲୋକଙ୍କ ନଜରରେ ପଡୁ ନାହିଁ । ଉଲ୍ଲେଖନୀୟ ଯେ, ବିଭିନ୍ନ ସମୟରେ ପୋଲିସ ଜବତ କରୁଥିବା ଟ୍ରକ, ଡ୍ରମ୍ପର, ସ୍କର୍ପିଓ ଓ ବୋଲେରୋ ଭଳି ଯାନବାହାନକୁ ଜବତ କରିବା ସହ ଏହା ସହ ଅଭିଯୁକ୍ତଙ୍କୁ ଗିରଫ କରିଥାଏ। ଜବତ ଖଣିଜ ଦ୍ରବ୍ୟ ଓ ଯାନକୁ ପୋଲିସ ହେପାଜତରେ ଥାନା ଓ ଫାଣ୍ଡି ପରିସରରେ



ଯୋଡା ପୁରୁଣା ଥାନାରେ ଦୀର୍ଘ ବର୍ଷ ଧରି ପଡିରହିଥିବା ଚୋରା ଖଣିଜ ବୋଝେଇ ଟ୍ରକ ।

ରଖାଯାଇଥାଏ। ଏପରି କି ପୋଲିସ ଦ୍ୱାରା ଜବତ କୌଣସି ଯାନବାହାନର ମାଲିକ ଅଦାଲତରେ ଜରିମାନା ଦେଇ ଗାଡି ମୁକୁଳାଇ ନେବା ବେଳେ ଖଣିଜ ଦ୍ରବ୍ୟକୁ ଥାନା ପରିସରରେ ଖଲାସ କରାଯାଇଥାଏ। ଥାନା ପକ୍ଷରୁ ସମସ୍ତ ଜବତ ଖଣିଜ ଦ୍ରବ୍ୟର ଆନୁମାନିକ ଓଜନ ସମେତ ସମସ୍ତ ତଥ୍ୟ ଯୋଡା ଖଣି ଉପନିର୍ଦ୍ଦେଶାଳୟକୁ ଦିଆଯାଇଥାଏ। ବିଲେଇପଦା ଫାଣ୍ଡି ହେପାଜତରେ ଦୀର୍ଘଦିନ ଧରି ଗଚ୍ଛିତ ଥିବା ଖଣିଜଦ୍ରବ୍ୟ ମଧ୍ୟରୁ ବିପୁଳ ପରିମାଣର ଖଣିଜ କିଭଳି ଉଭାନ ହେଲା ସେ ନେଇ କାହାଠାରୁ ସୂଚନା ମିଳୁ ନ ଥିବାରୁ ସାଧାରଣରେ ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ଏ ସମ୍ପର୍କରେ ବିଲେଇପଦା ଫାଣ୍ଡି ଦାୟିତ୍ୱରେ ଥିବା ସବ୍‌ଇନ୍ସପେକ୍ଟର ରଞ୍ଜନ କୁମାର ବିଶ୍ୱାଳଙ୍କୁ ପଚାରିବାର କହିଛନ୍ତି, ସେ ଗତ ମାର୍ଚ୍ଚ ୧ ତାରିଖରୁ ଫାଣ୍ଡିର ଦାୟିତ୍ୱ ଗ୍ରହଣ କରଛନ୍ତି। ଦାୟିତ୍ୱ ନେବା ବେଳେ କୌଣସି ଜବତ ଖଣିଜ ଥାନା ପରିସର ନ ଥିଲା । ପୂର୍ବରୁ ଜବତ ଖଣିଜ ସମ୍ପର୍କରେ ତାଙ୍କୁ କୌଣସି ତଥ୍ୟ ଦିଆଯାଇ ନ ଥିଲା। ଫାଣ୍ଡିରେ ପୂର୍ବରୁ ଥିବା ଜବତ ଖଣିଜ ଦ୍ରବ୍ୟ ଓ ଯାନବାହନର ସମସ୍ତ ତଥ୍ୟ ଓ କାଗଜପତ୍ର ଯୋଡା ଥାନା ଦାୟିତ୍ୱରେ ରହିଛି ବୋଲି ସେ କହିଥିଲେ । ଏ ସମ୍ପର୍କରେ ଯୋଡା ଖଣି ଉପନିର୍ଦ୍ଦେଶକ ଏଲ.ଡି ନାଏକଙ୍କୁ ପଚାରିବାରୁ ଖଣିଜ ଦ୍ରବ୍ୟ ଉଭାନ୍ ହେବା ନେଇ କୌଣସି ପ୍ରକାର ତଥ୍ୟ ପୋଲିସ ପକ୍ଷରୁ ତାଙ୍କୁ ଦିଆଯାଇ ନାହିଁ ବୋଲି କହିଛନ୍ତି। ଏ ନେଇ କେନ୍ଦୁଝର ଏସପି ଜୟନାରାୟଣ ପଙ୍କଜଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ଖଣିଜ ଦ୍ରବ୍ୟ ଗାଏବ ହେବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସମସ୍ତ ତଥ୍ୟ ଜଣାପଡିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଉଲ୍ଲେଖନୀୟ ଯେ, ଯୋଡା ଖଣି ମଣ୍ଡଳରେ ବଡବିଲ୍, ଯୋଡା, ବଲାଣି, ରୁଗୁଡି, ବାମେବାରୀ ପ୍ରଭୃତି ଥାନା ଓ ଫାଣ୍ଡି ଏବଂ ଯୋଡାର ପୁରୁଣା ଥାନା ହତା ସମେତ ଯୋଡାସ୍ଥିତ ଖଣି ଉପନିର୍ଦ୍ଦେଶାଳୟ ପରିସରରେ ଜବତ ହୋଇଥିବା ଶତାଧିକ ଟ୍ରକ, ଡ୍ରମ୍ପର ସମେତ ଛୋଟ ଯାନବାହନରେ ହଜାର ହଜାର ମେଟ୍ରିକ ଟନ୍ ଚୋରା ଜବତ ମାଙ୍ଗାନିଜ୍ ଓ ଲୁହାପଥର ଦୀର୍ଘ ଦୁଇ ଦଶନ୍ଧି ଧରି ପଡିରହିଛି । ସରକାରଙ୍କ ପକ୍ଷରୁ ଜବତ ଖଣିଜର ଉପଯୁକ୍ତ ପରିଚାଳନା ବା ବିନିଯୋଗ କରାଯାଉ ନାହିଁ। ଏଥିଯୋଗୁ କୋଟି କୋଟି ଟଙ୍କାର ରାଜସ୍ୱ ସରକାର ହରାଉଛନ୍ତି।

# ଜିଲା ଶିକ୍ଷାଧିକାରୀଙ୍କ ଅଫିସ୍ ଘେରାଉ

**ବାଲେଶ୍ୱର ଅଫିସ, ୫।୭**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାରବାଟିଆ ଗ୍ରାମର ଜନାର୍ଦ୍ଦନ ଉଚ୍ଚବିଦ୍ୟାଳୟର ଦୁଇ ଶିକ୍ଷକଙ୍କ ବଦଳିକୁ ବିରୋଧ କରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ଶୁକ୍ରବାର ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କ ଅଫିସ୍‌କୁ ଘେରାଉ କରିଥିଲେ। ଏହି ବଦଳି ଆଦେଶକୁ ନାକଚ କରିବା ପାଇଁ ସେମାନେ ଦାବି କରିଥିଲେ।

ଚଳିତବର୍ଷ ଉକ୍ତ ବିଦ୍ୟାଳୟର ମାଟ୍ରିକ ପରୀକ୍ଷା କେନ୍ଦ୍ର ମହାଗବ ଉଚ୍ଚବିଦ୍ୟାଳୟରେ ହୋଇଥିଲା। ଅଭିଭାବକ ଓ ଶିକ୍ଷକଙ୍କ ମିଳିତ କମିଟି ନିଷ୍ପତ୍ତି ଅନୁସାରେ ପିଲାମାନଙ୍କୁ ନେଇ ସେଠାରେ ମେସ୍ କରି ପରୀକ୍ଷା ଦେବାରେ ସହଯୋଗ କରିଥିଲେ। ମେସ୍ କାର୍ଯ୍ୟରେ ସହଯୋଗ ପାଇଁ ୩ଜଣ ଅଭିଭାବକଙ୍କୁ ମଧ୍ୟ ନିଆଯାଇଥିଲା। ସେଠାରେ





ଅଭିଭାବକଙ୍କ ପକ୍ଷରୁ ଜିଲା ଶିକ୍ଷାଧିକାରୀ ଅଫିସ୍ ଘେରାଉ କରାଯାଇଛି।

ଛାତ୍ରୀଛାତ୍ରମାନଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଖେଳଶିକ୍ଷକଙ୍କୁ ବଦଳି କରାଯାଇଛି। ଶତାଧିକ ଛାତ୍ରୀଛାତ୍ର ଓ ଅଭିଭାବକ ଜାଣିପାରି ଏହାକୁ ବିରୋଧ କରିଥିଲେ। ପରେ ଉକ୍ତ ଦୁଇଶିକ୍ଷକ ଛାତ୍ରୀଛାତ୍ରଙ୍କୁ କୌଣସି ଦୁର୍ବ୍ୟବହାର କରି ନ ଥିବା ଏବଂ ତାଙ୍କର ବଦଳିକୁ ନାକଚ କରିବା ପାଇଁ ଭୋଗରାଇ ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଜଣାଇଥିଲେ। ଉକ୍ତ ଘଟଣାକୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ବିଦ୍ୟାଳୟରୁ ଛାତ୍ରୀଛାତ୍ରଙ୍କୁ କାଢ଼ି ନେବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ପ୍ରୀତି ପୂଜା ପାତ୍ର, ବର୍ଷା ରାଣି ବାରିକ, ପୂଜାରାଣୀ ଜେନା, ଶୁଭଶ୍ରୀ ଦେ, ପୂର୍ଣ୍ଣିମା ଚାନ୍ଦ, ଅମୃତା ବେହେରା, ରଶ୍ମିତା ମାଝି, ଅମ୍ବିକା ବେହୋ, ସୁମନ ଖାତୁନ, ରୋମି ଖାତୁନ, ସୁଚିସ୍ମିତା ଜେନା, ବିଷ୍ଣୁପ୍ରିୟା ମଣ୍ଡଳ, ଶୁଭଶ୍ରୀ ନାୟକ, ଲିଜାରାଣୀ ଚାନ୍ଦ, ପ୍ରଭାଞ୍ଜଳି ଜେନା, ଅର୍ଚ୍ଚନା ସାମଲ, ପ୍ରିୟଙ୍କା ଗିରି ପ୍ରମୁଖ ଘେରାଉରେ ସାମିଲ ଥିଲେ।

# ବାଲେଶ୍ୱର ମେଡିକାଲରେ ନୀତି ଆୟୋଗର ୨ଜଣିଆ ଟିମ୍

**ବାଲେଶ୍ୱର ଅଫିସ, ୫।୭**

ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟକୁ ନୀତି ଆୟୋଗର ୨ଜଣିଆ ଟିମ୍ ଡା. ବିଶ୍ୱଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପୂର୍ବାହ୍ନରେ ପରିଦର୍ଶନ କରିଥିଲେ। ଦେଶର ବିଭିନ୍ନ ସ୍ଥାନରେ ଏକକାଳୀନ ଏଭଳି ପରିଦର୍ଶନ କରାଯାଇଥିବା ଟିମ୍ ପକ୍ଷରୁ କରାଯାଇଛି। ଆଗାମୀ ଦିନରେ ଜିଲାର ବିଭିନ୍ନ ଚିକିତ୍ସାଳୟରେ ଏଭଳି ଯାଞ୍ଚ କରାଯିବ ବୋଲି ନୀତି ଆୟୋଗ ସଦସ୍ୟ ଡା. ମହାନ୍ତି ପ୍ରକାଶ କରିଛନ୍ତି।



ନୀତି ଆୟୋଗ ଟିମ୍ ସଦସ୍ୟମାନେ ମେଡିକାଲରେ ପଚାରି ବୁଝୁଛନ୍ତି।

# ରାସ୍ତା ନିର୍ମାଣ ଦାବିରେ ମହିଳାଙ୍କ ଆନ୍ଦୋଳନ

**କୁଆମରା,୫।୭(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ଉଦଳାରୁ ଜୟପୁର ଦେଇ ବାଲେଶ୍ୱରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ସାଇଁକୁଲାଠାରୁ କଣ୍ଟିସାହି ପର୍ଯ୍ୟନ୍ତ ଦୀର୍ଘ ୩ କି.ମି. ରାସ୍ତା ଶୋଚନୀୟ ହୋଇପଡିଛି। ଏଥିଯୋଗୁ ଲୋକେ ବହୁ ଅସୁବିଧା ଭୋଗ କରୁଛନ୍ତି। ଏହି ରାସ୍ତା ମରାମତି ଦାବିରେ ଗୋପବନ୍ଧୁ ନଗର ବ୍ଲକ ହାଟ ନୂଆଗାଁଠାରେ ଶୁକ୍ରବାର ସକାଳ ୬ଟାରୁ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବା ସହ ରାସ୍ତାରୋକୋ କରିଥିଲେ। ରାସ୍ତା ମରାମତି ନ ହେବା ଯାଏଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ମହିଳା ସଂଗଠନ କହିଛନ୍ତି। ଏହି ଆନ୍ଦୋଳନରେ ମୋଟ ୧୮ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୧୮୦ ସଦସ୍ୟା ସାମିଲ ହୋଇଥିଲେ। ଏହି ରାସ୍ତାରେ ଯାଉଥିବା ଭାରିଯାନ ଚଳାଚଳକୁ ବନ୍ଦ କରାଯିବାକୁ ମଧ୍ୟ ସେମାନେ ଦାବି ଜଣାଇଛନ୍ତି। ଭାରିଯାନ ଯାତାୟାତ ଯୋଗୁ ଏହି ରାସ୍ତାରେ ଫୁଟେ ଦୁଇ ଫୁଟ ଲେଖା ଗର୍ତ୍ତ ସୃଷ୍ଟି ହେବା ସହ ମେଟାଲ ଓ କଂକ୍ରିଟ ଖଣ୍ଡ ରାସ୍ତାସାରା ବିଛାଡି ହୋଇ ପଡିଛି। ଫଳରେ ଯାତାୟାତ କ୍ଷେତ୍ରରେ ଅସୁବିଧା ହେଉଛି। ରାସ୍ତା ଖରାପ ଯୋଗୁ ବର୍ଷେ ତଳେ ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି। ରାସ୍ତାଟି ଅଣଓସାରିଆ ହୋଇଥିବାରୁ ଏହାକୁ ପ୍ରଶସ୍ତୀକରଣ କରିବା ପାଇଁ ମଧ୍ୟ ଦାବିରେ ଉଲ୍ଲେଖ ରହିଛି। ତେବେ ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତା ନିର୍ମାଣ କରିବାକୁ ମହିଳା ଗୋଷ୍ଠୀର ସଦସ୍ୟାମାନେ ସପ୍ତାହ ତଳେ ବିଭିନ୍ନ ପଦାଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏ ଦିଗରେ ଦୃଷ୍ଟି ଦିଆ ନ ଯିବାରୁ ଶୁକ୍ରବାର ରାସ୍ତାରୋକୋ କରାଯାଇଥିଲା। ସଭାନେତ୍ରୀ ପଦ୍ମାବତୀ ସାହୁ, ସମ୍ପାଦିକା ରାଧାମଣି ସାହୁ, ହରପ୍ରିୟା ପୃଷ୍ଟି, ରଶ୍ମିରେଖା ବେହେରା, ସସ୍ମିତା ସାହୁ, ଜେମାମଣି ପୃଷ୍ଟି, ସରସ୍ୱତୀ ପୃଷ୍ଟି, ନିରୁପମା ଦେହୁରୀ, ରୁକ୍ମଣି ପୃଷ୍ଟି, କଳ୍ପନା ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଖବର ପାଇ ତହସିଲଦାର ସଂକଳ୍ପ ସ୍ୱସ୍ତିକ ସାହୁ, ଥାନା ଅଧିକାରୀ ନବକୃଷ୍ଣ ନାଏକ, ଫାଣ୍ଡି ଅଧିକାରୀ ବଳରାମ ମହାରଣା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ପହଞ୍ଚି ରାସ୍ତା ନିର୍ମାଣର ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ଟାରେ ରାସ୍ତା ଅବରୋଧ ହଟିଥିଲା।



ମହିଳାମାନେ ରାସ୍ତାରୋକୋ କରିଛନ୍ତି।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

**ଭଦ୍ରକ ଅଫିସ, ୫।୭**

ଭଦ୍ରକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶୁକ୍ରବାର ପୂର୍ବାହ୍ନରେ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱ ଓ ଜିଲା ସଂଯୋଜକ ତ୍ରିଲୋଚନ ପଣ୍ଡାଙ୍କ ଆବାହକତ୍ୱରେ ଜିଲାର ବିଭିନ୍ନ କୋଣାନୁକୋଣରୁ ଚାଷୀମାନେ ଏକତ୍ର ହୋଇ ନୂଆବଜାର ଗାନ୍ଧୀପଡ଼ିଆଠାରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ଜିଲାର ପ୍ରାୟ ୩ ହଜାର ଚାଷୀ ଧାନ ବିକ୍ରି କରି ପ୍ରାୟ ୨୪ କୋଟି ଟଙ୍କା ପାଇ ନ ଥିବା ଦର୍ଶାଇଥିଲେ। ପ୍ରଶାସନିକ ସ୍ତରରେ ଚାଷୀମାନେ କିଭଳି ଅବହେଳିତ ହେଉଥିବା ନେଇ ତୀବ୍ର ସମାଲୋଚନା କରାଯାଇଥିଲା। ସେହିପରି ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ସମେତ ୧୮ଟି ଦାବିରେ ଏହି ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଫିସ ସାମ୍ନାରେ ଆୟୋଜିତ ପ୍ରତିବାଦ ସଭାସ୍ଥଳକୁ ଜିଲାପାଳ ନିଜେ ଆସି ସେମାନଙ୍କ ସମସ୍ୟା ବୁଝନ୍ତୁ ବୋଲି ଚାଷୀମାନେ ଅଡ଼ି ବସିଥିଲେ। ପ୍ରଥମେ ଉପଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବସିରହିଛନ୍ତି।

ଆଲୋଚନା କରିଥିଲେ। ହେଲେ ଚାଷୀମାନେ ଜିଲାପାଳ ଆସନ୍ତୁ ବୋଲି କହି ପ୍ରତିବାଦ ଜାରି ରଖିଥିଲେ। କିଛି ସମୟ ପରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ପହଞ୍ଚି ସେମାନଙ୍କ ସହ ଆଲୋଚନା କରି ଧାନ ବିକ୍ରି ଟଙ୍କା ସହ ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଶେଷରେ ଚାଷୀମାନେ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସର୍ବୋଦୟ ନେତା ଶୈଳଜ ରବି, ଯୁବଛାତ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ମନୁଓ୍ୱାର ଅଲ୍ଲୀ, ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ, ଜିଲା ସହ ସଂଯୋଜକ ସତ୍ୟରଞ୍ଜନ ନାୟକ, ଭଦ୍ରକ ବ୍ଲକ ସଂଯୋଜକ ସୀତାକାନ୍ତ ସାହୁ, ଧାମନଗରର ଗଗନ ପାଗଳ, ଭଣ୍ଡାରିପୋଖରୀରୁ ଆର୍ତ୍ତତ୍ରାଣ ତିୱାରୀ, ତିହିଡ଼ିରୁ ଜଗବନ୍ଧୁ ପାକଳ, ଚାନ୍ଦବାଲିରୁ କୃଷ୍ଣଚନ୍ଦ୍ର ନାୟକ, ବାସୁଦେବପୁରରୁ ଭରତ ମିଶ୍ର, ବନ୍ତର ଅନାମ ପାଳ, ଲକ୍ଷ୍ମଣ ସାମଲ, ରବୀନ୍ଦ୍ର ପଣ୍ଡା ଓ ବିଜୟାନନ୍ଦ ମିଶ୍ର ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଘର ନ ଥାଇ ଚାଲିଛି ବିଦ୍ୟାଳୟ


ମନ୍ଦିର ବାରଣ୍ଡାରେ ଛାତ୍ରୀଛାତ୍ର ବସି ପାଠ ପଢୁଛନ୍ତି।

- ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରରେ
- ନାଁକୁ ମାତ୍ର ମନ୍ଦିର, କ୍ଲବ ଘରେ ଚାଲିଛି ପାଠପଢ଼ା
- ଗଛମୂଳେ ଖାଇବାକୁ ଦିଆଯାଉଛି ମଧ୍ୟାହ୍ନଭୋଜନ
- ଦୋଷ ଲୁଚାଇବାରେ ବ୍ୟସ୍ତ ଅଧିକାରୀ

**ଆନନ୍ଦପୁର, ୫।୭(ସ୍ୱ.ପ୍ର.)**

ସାମୁଦ୍ରିକ ବାତ୍ୟା ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଶିକ୍ଷାନୁଷ୍ଠାନର ମରାମତି ଏଯାଏ ହୋଇପାରିନାହିଁ । ଶିକ୍ଷାବର୍ଷ ଆରମ୍ଭରୁ ଛାତ୍ରୀଛାତ୍ରଙ୍କ ପାଠପଢା ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ବାତ୍ୟା ପୂର୍ବରୁ ପୁରୁଣା ସ୍କୁଲଘର ଭାଙ୍ଗିରୁଜି ଯାଇ ପାଠପଢା ଉପଯୋଗୀ ନ ଥିବା ଓ ଅସୁରକ୍ଷିତ ହୋଇପଡିଥିବା ସତ୍ତ୍ୱେ କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ହରିଡାପାଳ ପଞ୍ଚାୟତ ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟରେ ନୂତନ ଗୃହ ନିର୍ମାଣ କରାଯାଉନାହିଁ । ଫଳରେ ଏବେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମନ୍ଦିର ଅଗଣା ଓ କ୍ଲବ ଘରେ ବସାଇ ପାଠ ପଢାଯାଉଛି। ସ୍କୁଲ ଗୃହ ନିର୍ମାଣ ଦାୟିତ୍ୱ ଶିକ୍ଷା ବିଭାଗ ହାତରୁ କାଢ଼ିନେଇ ପଞ୍ଚାୟତିରାଜ ବିଭାଗକୁ ଦିଆଯିବା ପରେ ପ୍ରଶାସନିକସ୍ତରରେ ସମନ୍ୱୟ ଅଭାବ ପରିଲକ୍ଷିତ ହେଉଛି। ଫଳରେ ଭବିଷ୍ୟତର ନାଗରିକ ଗଢ଼ିତୋଳିବା ପାଇଁ ପ୍ରାକ୍ ବିଦ୍ୟାଳୟଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସରକାର ବିଭିନ୍ନ ଶିକ୍ଷାୟତନ ଗଢ଼ିତୋଳିବା ଲାଗି କରୁଥିବା ଯୋଜନା ଏଠି ପ୍ରହସନ ପାଲଟିଛି।

ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ଯାଏ ପାଠପଢା ବ୍ୟବସ୍ଥା ରହିଛି। ପୂର୍ବରୁ ଗ୍ରାମବାସୀଙ୍କ ପକ୍ଷରୁ ନିର୍ମିତ ହୋଇଥିବା ବିଦ୍ୟାଳୟ ଘର କ୍ରମେ ଜରାଜୀର୍ଣ୍ଣ ହୋଇ ସ୍ଥିତି ହରାଇ ବସିଛି। ୨ ବର୍ଷ ହେବ ଏହି ଘର ଅବ୍ୟବହୃତ ହୋଇପଡିଛି। ଅବଶିଷ୍ଟ ୨ ବଖରା ଛାତଘର ଥିଲେ ମଧ ଫନୀ ବାତ୍ୟା ଓ ଲଗାଣ ବର୍ଷାରେ ଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବାରୁ ସେଠାରେ ପିଲାଙ୍କୁ ବସାଇ ପାଠ ପଢାଇବାକୁ ଶିକ୍ଷକମାନେ ନିରାପଦ ମଣୁନାହାନ୍ତି। ୧ମରୁ ୫ମ ଶ୍ରେଣୀ ପଢୁଥିବା ୪୫ଜଣ ଛାତ୍ରୀଛାତ୍ରଙ୍କୁ ପାଠ ପଢାଯାଇପାରୁ ନ ଥିବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ ହୋଇପଡିଛି। କାମଚଳା ବ୍ୟବସ୍ଥା ସ୍ୱରୂପ ୧ମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ନିକଟସ୍ଥ ଏକ ମନ୍ଦିରର ଅଗଣା ଏବଂ ୪ର୍ଥ ଓ ୫ମ ଶ୍ରେଣୀର ପିଲାଙ୍କୁ କ୍ଲବ ଘରେ ବସାଇ ନାମକୁମାତ୍ର ପଢାଯାଉଛି। ଶୈକ୍ଷିକ ବାତାବରଣ ନ ଥିବାରୁ ପିଲାଙ୍କ ଉପସ୍ଥାନ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ରୋଷେଇ ଘର ନ ଥିବାରୁ ଏବେ ଭଙ୍ଗା ସ୍କୁଲର ବାରଣ୍ଡାରେ ରୋଷେଇ କରାଯାଉଛି। ସ୍କୁଲ ସାମ୍ନାରେ ଥିବା ଗଛମୂଳରେ ପିଲାଙ୍କୁ ବସାଇ ଖାଇବାକୁ ଦିଆଯାଉଛି। ସେଠାରେ ରୋଷେଇ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଅନେକ ଦିନ ହେଲା କାମ ବନ୍ଦ ରହିଥିବା ଗ୍ରାମବାସୀ ଅଭିଯୋଗ କରି ସର୍ବଶିକ୍ଷା ଯୋଜନା ନେଇ ପ୍ରଶ୍ନ ଉଠାଇଛନ୍ତି। ବିଭାଗୀୟ ଅଧିକାରୀ ଦୃଷ୍ଟି ନ ଦେଇ ନୀରବଦ୍ରଷ୍ଟା ସାଜିବା କାରଣରୁ ମଙ୍ଗଳପୁର ବିଦ୍ୟାଳୟର ଏପରି ଦୁରବସ୍ଥା ହୋଇଥିବା ଅଭିଭାବକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ବିଭିନ୍ନ ଆଳରେ ଶିକ୍ଷା ବିଭାଗ ନିଜ ଦୋଷ ଲୁଚାଇବାରେ ବ୍ୟସ୍ତ ରହୁଥିବା ଲକ୍ଷ୍ୟ କରାଯାଉଛି। ସ୍କୁଲର ଶ୍ରେଣୀଗୃହ ଭାଙ୍ଗିଯିବା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତ ବହୁବାର କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର ବ୍ଲକ୍ ଶିକ୍ଷାଧିକାରୀ ଶରତ କୁମାର ରାଉତଙ୍କୁ ପଚାରିବାରୁ କହିଛନ୍ତି, ନୂତନ ସରକାରୀ ନିୟମ ଅନୁସାରେ ସ୍କୁଲ ଗୃହ ନିର୍ମାଣ ଓ ମରାମତି କାମ ଏବେ ତାଙ୍କ ବିଭାଗ ଅଧୀନରେ ନାହିଁ । ଏହା ପଞ୍ଚାୟତିରାଜ ବିଭାଗ ଦାୟିତ୍ୱରେ ରହିଛି। ତଥାପି ସେ ସ୍କୁଲର ସମସ୍ୟା ସମ୍ପର୍କରେ ଡିପିସିଙ୍କୁ ଅବଗତ କରାଇଥିବା କହିଛନ୍ତି। ଆନନ୍ଦପୁର ବିଡିଓ ଶୁଭ୍ରବାଳା ବେହେରାଙ୍କୁ ପଚାରିବାରୁ ସେ ମଙ୍ଗଳପୁର ସ୍କୁଲ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ମାଧ୍ୟମରେ ଜଣାଇଥିବା ପ୍ରକାଶ କରିଛନ୍ତି। ସ୍କୁଲ ଘର ନିର୍ମାଣ ପାଇଁ କେହି ଦାୟିତ୍ୱ ମୁଣ୍ଡକୁ ନେବାକୁ ପ୍ରସ୍ତୁତ ନ ଥିବାରୁ ଏବେ ବର୍ଷାଋତୁ ସମୟରେ କିଭଳି ପାଠ ପଢାଯିବ, ତାହାର କୌଣସି ବିକଳ୍ପ ପନ୍ଥା ମିଳୁନାହିଁ । ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ ନାରାର ବାସ୍ତବତା କ'ଣ ବୋଲି ଅଞ୍ଚଳବାସୀ ପ୍ରଶ୍ନ ଉଠାଇ ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

## ସଂକ୍ଷେପରେ

### ହାତୀ ଉପଦ୍ରବ ଜାରି

**କେନ୍ଦୁଝର,୫।୭(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଖଡିବାହାଳୀ ଗାଁ ଓ ଏହା ଆଖପାଖରେ ହାତୀ ଉପଦ୍ରବ ଲାଗିରହିଛି। ଦୀର୍ଘ ୫ ଦିନ ହେବ ସନ୍ଧ୍ୟା ହେଲେ ହାତୀପଲ ଗାଁ ଆଡ଼କୁ ମାଡ଼ିଆସୁଛନ୍ତି । ସେମାନେ ଜମିରୁ ଫସଲ ଖାଇ ଦଳିଚକଟି ନଷ୍ଟ କରିଦେଉଛନ୍ତି। ଗ୍ରାମ ନିକଟ ଜଙ୍ଗଲରେ ମଧ ସେମାନେ ଗଛପତ୍ର ନଷ୍ଟ କରୁଛନ୍ତି । ହାତୀ ଭୟରେ ଲୋକେ ସନ୍ଧ୍ୟା ପରେ ଆଉ ଘରୁ ବାହାରୁନାହାନ୍ତି । ଦିନରେ ଲୋକେ ଜଙ୍ଗଲକୁ ଯିବା ଲାଗି ଡରୁଥିବାରୁ ସେମାନଙ୍କ ଜୀବନଜୀବିକା ସଙ୍କଟରେ ପଡିଛି। ବନ ବିଭାଗ ଶୀଘ୍ର ହାତୀପଲ ଘଉଡାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ଗ୍ରାମ୍ୟ ନ୍ୟାୟାଳୟର ନୂତନ ନ୍ୟାୟାଧିକାରୀଙ୍କୁ ସମ୍ବର୍ଦ୍ଧନା

**ଆନନ୍ଦପୁର,୫।୭(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ଆନନ୍ଦପୁର ବାର ଆସୋସିଏଶନ୍ ପକ୍ଷରୁ ଘସିପୁରା ଗ୍ରାମ୍ୟ ନ୍ୟାୟାଳୟର ନୂତନ ନ୍ୟାୟାଧିକାରୀ ମାନସୀ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆନନ୍ଦପୁର ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ, ଏସଡିଜେଏମ ଶିବାନୀ ଆଚାର୍ଯ୍ୟ, ଜେଏମଏଫସି ଅମୀତ କୁମାର ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘର ଉପସଭାପତି ଜୟନ୍ତ କୁମାର ରାଜ, ସମ୍ପାଦକ ଅମର ମହାପାତ୍ର, କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟ ଓ ଆଇନଜୀବୀମାନେ ଉପସ୍ଥିତ ରହିଥିଲେ।

### ଶିକ୍ଷାନୁଷ୍ଠାନରେ ବନ ମହୋତ୍ସବ

**କେନ୍ଦୁଝର,୫।୭ ( ସ୍ୱ.ପ୍ର.)-** କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ନିକଟସ୍ଥ ଭୁବନାନନ୍ଦ ପବ୍ଲିକ ସ୍କୁଲରେ ବନମହୋତ୍ସବ ପାଳିତ ହୋଇଯାଇଛି । ବିଜ୍ଞାନ ଶିକ୍ଷକ ଜଗନ୍ନାଥ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବୃକ୍ଷର ଉପକାରିତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ସ୍କୁଲ ଚାରିପାଖରେ ବୃକ୍ଷରୋପଣ କରାଯାଇଥିଲା। ପଦ୍ମପୁର ମେଗା ନର୍ସରୀ ପକ୍ଷରୁ ଚାରା ଯୋଗାଇ ଦିଆଯାଇଥିଲା। କାଯ୍ୟକ୍ରମ ପରିଚାଳନାରେ ତ୍ରିନାଥ ସେଠୀ, ଚନ୍ଦ୍ରଭାନୁ ଦେହୁରୀ ସହଯୋଗ କରିଥିଲେ।

# ବଡ଼ଦାଣ୍ଡ ସଫେଇ କଲେ ସ୍ୱେଚ୍ଛାସେବୀ


ଶୁକ୍ରବାର ବଡ଼ଦାଣ୍ଡରେ ସଫେଇ ଚାଲିଛି।

**କେନ୍ଦୁଝର, ୫।୭(ସ୍ୱ.ପ୍ର.)**

ରଥଯାତ୍ରା ଉପଲକ୍ଷେ କେନ୍ଦୁଝର ପୁରୁଣା ସହର ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ନିକଟ ବଡ଼ଦାଣ୍ଡରେ ଶୁକ୍ରବାର ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥର ରଥଯାତ୍ରାରେ ହଜାର ହଜାର ଲୋକଙ୍କ ଭିଡ଼ ହୋଇଥିବାରୁ ବଡ଼ଦାଣ୍ଡ ଓ ମନ୍ଦିର ପରିସରରେ ବହୁ ଆବର୍ଜନା ଜମାହୋଇ ରହିଥିଲା। ସ୍ୱଚ୍ଛ ଭାରତ ଅଭିଯାନରେ କେନ୍ଦୁଝର ନଗର ମଣ୍ଡଳ ପକ୍ଷରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସଫେଇ କାର୍ଯ୍ୟ ହୋଇଥିଲା । ଏଥିରେ ବହୁ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଶିବ କୁମାର ରାଠୋର, ଶ୍ୟାମସୁନ୍ଦର ନାୟକ, ଧୀରେନ୍ଦ୍ର ରାଉତ, ଦୀପକ ମହାରଣା, ଦେବରାଜ ଆଚାର୍ଯ୍ୟ, ବ୍ରଜ କିଶୋର ରାୟ, ନିଶିଥ ପଟ୍ଟନାୟକ, ଗୋପାଳି ନନ୍ଦ, ରତ୍ନମଣି ସେଠୀ, ବିଦ୍ୟୁତ୍‌ଲତା ନାୟକ, ଆରତି ସାହୁ, ଯଶୋଦା ସାହୁ, କୁନା ବାରିକ, ଅନିରୁଦ୍ଧ ସା, ଦେବୀ ପ୍ରସାଦ ମିଶ୍ର, ମୁନି ନନା ପ୍ରମୁଖ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

# ରଥ ପଥ ଉତ୍ସବ


ସ୍କୁଲ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ତେଲକୋଇ,୫।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ସାମାକୋଇ ସାଂସ୍କୃତିକ ପରିଷଦ ପକ୍ଷରୁ 'ରଥ ପଥ ପଞ୍ଚରାତ୍ରି'ର ଉତ୍ସବ ମହାସମାରୋହରେ ଆରମ୍ଭ ହୋଇଯାଇଛି। ପ୍ରଥମ ରାତ୍ରିର ଭଜନ ନୃତ୍ୟ କାର୍ଯ୍ୟକ୍ରମରେ ଦିଲୀପ କୁମାର ବାରା ମୁଖ୍ୟ ଅତିଥି, ତେଲକୋଇ ଚାରିଗଡ଼ ମହାବିଦ୍ୟାଳୟର ମାନଗୋବିନ୍ଦ ସାହୁ, ଖବରାଦାତା ରଞ୍ଜିତ ବିଶ୍ୱାଳ, ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ, ନିର୍ମଳ କୁମାର ମହାକୁଡ ପ୍ରମୁଖ ସମ୍ମାନ୍‌ନୀୟ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ୫ ଅତିଥିଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଲାଗି ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। କବିରତ୍ନ ନାରାୟଣ ଚନ୍ଦ୍ର ସେନାପତି ସଭାରେ ଅଧକ୍ଷତା କରିଥିଲେ। ଏହି ଅବସରରେ ନୃତ୍ୟଗୁରୁ ଅଜୟ କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶନା ଓ ଅଭିଷେକ ପ୍ରଧାନଙ୍କ ଉପସ୍ଥାପନାରେ ଝୁମର ନୃତ୍ୟ, ଘୋଡ଼ାନାଚ, ଚକୁଳିଆ ପଣ୍ଡା ନାଚ ଓ ପାରମ୍ପରିକ ଭଜନ ଆଦି ୨୪ଟି ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଚନ୍ଦ୍ରଶେଖର ମହାନ୍ତ, ନନ୍ଦକିଶୋର ସାହୁ, ଶ୍ରୀକାନ୍ତ ସାହୁ, ଗନ୍ଧର୍ବ ସାହୁ, ଶ୍ରୀଧର ପତି, ଦାଶରଥି ପ୍ରଧାନ, ହୃଦାନନ୍ଦ ସାହୁ । ପରିଷଦର ସମ୍ପାଦକ ନାରାୟଣ ଚନ୍ଦ୍ର ସେନାପତି ଆଗାମୀ ୪ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।

# ବେଲବାହାଳି ସେତୁରେ ୨ ଘଣ୍ଟା ଟ୍ରାଫିକ୍ ଜାମ୍


କୁଶେଇ ସେତୁ ନିକଟରେ ଟ୍ରାଫିକ୍ ଜାମ୍ ଯୋଗୁ ରାସ୍ତାରେ ଅଟକିଛି ଯାନବାହନ।

**ଆନନ୍ଦପୁର, ୫।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବେଲବାହାଳି ଦେଇ ଯାଇଥିବା ୨୦ ନଂ ଜାତୀୟ ରାଜପଥରେ ଦିନକୁ ଦିନ ଟ୍ରାଫିକ୍ ଜାମ୍ ସମସ୍ୟା ମୁଣ୍ଡ ଟେକିବାରେ ଲାଗିଛି। ବେଲବାହାଳିଠାରେ ବ୍ରିଟିଶ ଅମଳରେ ନିର୍ମିତ ପୁରୁଣା କୁଶେଇ ସେତୁ ଉପରେ ଏବେ ଯାତାୟତ କରିବା ଅସମ୍ଭବ ହେଲାଣି। ଜରୁରୀ କାଳୀନ ସେବାରେ ନିୟୋଜିତ ଯାନବାହାନ ଏହି ରାସ୍ତା ପାରିହେବା କାଠିକର ପାଠ ହେଉଛି। ଶୁକ୍ରବାର ପୂର୍ବାହ୍ନ ୧୧ ଟାରୁ ଗୋଟାଏ ପର୍ଯ୍ୟନ୍ତ କୁଶେଇ ସେତୁରେ ଟ୍ରାଫିକ୍ ଜାମ୍ ସମସ୍ୟା ଦେଖାଦେଇଥିଲା। ପୋଲିସ କର୍ମଚାରୀ ଉପସ୍ଥିତ ଥିବା ସତ୍ତ୍ୱେ ଟ୍ରାଫିକ୍ ସମସ୍ୟାରେ ସୁଧାର ଆସି ପାରି ନ ଥିଲା। ଫଳରେ ବଡ ବଡ ଯାନାବାହନ ଠାରୁ ଆରମ୍ଭ କରି ବାଇକ୍ ଆରୋହୀମାନେ ଦୀର୍ଘ ଘଣ୍ଟା ଘଣ୍ଟା ଧରି ବେଲବାହାଳି ସେତୁର ଆରମ୍ଭ ସ୍ଥଳଠାରୁ ବାରିଗାଁ ପର୍ଯ୍ୟନ୍ତ ଲମ୍ବା ଲାଇନ୍‌ରେ ଅପେକ୍ଷା କରି ରହିଥିଲେ। ସେହିପରି ଅପରପାର୍ଶ୍ୱରେ ହସନପୁର ଟୋଲଗେଟ୍ ପର୍ଯ୍ୟନ୍ତ ଲମ୍ବାଲାଇନ୍‌ରେ ଯାନାବାହନ ଛିଡା ହୋଇ ରହିଥିଲା। ଏହି ବିପଦପୂର୍ଣ୍ଣ ସେତୁରେ ଯାତାୟତ ସମସ୍ୟା ପ୍ରତି ପ୍ରଶାସନିକ କର୍ତ୍ତୃପକ୍ଷ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷ କେହି ଦୃଷ୍ଟି ନଦେବା ନେଇ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ହାଇୱା ଧକ୍କାରେ ମହିଳାଙ୍କ ମୃତ୍ୟୁ

**ବଡ଼ବିଲ, ୫।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ବାରବାଙ୍କଠାରେ ଶୁକ୍ରବାର ଏକ ହାଇୱା ବାମେବାରୀ ଥାନା ଅନ୍ତର୍ଗତ ପଳସା ଗ୍ରାମର ମାଇନା ମୁଣ୍ଡା (୩୫)ଙ୍କୁ ପଛପଟୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟିକୁ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ପୂର୍ବାହ୍ନରେ ମାଇନା ସ୍ୱାମୀ ଗୁରୁବାଙ୍କ ସହ ଜାତୀୟ ରାଜପଥ ଦେଇ ଯାଉଥିବାବେଳେ ହାଇୱା ଧକ୍କା ଦେଇଥିବା ପୋଲିସ କହିଛି।

# କେନ୍ଦୁଝରରେ ଗୁଣ୍ଡ ଯାଆଁଳ ବିକ୍ରି

**କେନ୍ଦୁଝର, ୫।୭ (ସ୍ୱ.ପ୍ର.)**

କେନ୍ଦୁଝରସ୍ଥିତ ସରକାରୀ ମାଛ ଯାଆଁଳା ଉତ୍ପାଦନ କେନ୍ଦ୍ରରୁ ଚଳିତ ବର୍ଷ ପ୍ରଥମ ମାଛ ଗୁଣ୍ଡ ଯାଆଁଳା ବିକ୍ରି ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଜିଲା ମତ୍ସ୍ୟ ଅଧିକାରୀ ମନୋରମା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ବିକ୍ରୟ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ, ଭରତ ନାୟକ ଓ ଦିଗଧନ ଫାର୍ମର ଇନଚାର୍ଯ୍ଯ ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତେଲକୋଇ ବ୍ଲକର ଚାଷୀ ଶରତ ନାୟକଙ୍କୁ ପ୍ରଥମେ ଏକ ଲକ୍ଷ ଯାଆଁଳ ମାଛ ଗୁଣ୍ଡ ବିକ୍ରି କିଣିଥିଲେ। ଗୁଣ୍ଡ ଜାଆଁଳ ବଡ ହେଲେ ଆସନ୍ତା ୨୦ରୁ ଚାଷୀମାନେ ଏହାକୁ କିଣି ପାରିବେ ବୋଲି ସୂଚନା ଦିଆଯାଇଥିଲା। ଉଲ୍ଲେଖନୀୟ ଯେ, ପ୍ରତିବର୍ଷ ଜୁଲାଇରେ ମାଛ ଗୁଣ୍ଡ ଯାଆଁଳ ପ୍ରସ୍ତୁତ କରାଯାଇ ବିକ୍ରି କରାଯାଇଥାଏ । ଏଠାରୁ ମାଛ ଯାଆଁଳ ନେଇ ମୂଷାଖୋରୀ, ତେଲକୋଇ ଓ ମଚ୍ଛାଳଠାରେ ପୋଖରୀ ଛଡାଯାଇଥାଏ। ଯାଆଁଳ ବଡ ହୋଇଗଲେ ପରେ ମାଛ ଚାଷୀଙ୍କୁ ଯୋଗାଇ ଦିଆଯାଇ ଥାଏ।

# ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ

**କେନ୍ଦୁଝର, ୫।୭(ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ସଦର ବନାଞ୍ଚଳ ପକ୍ଷରୁ ସ୍ଥାନୀୟ କାଳୀପଡିଆ ସମ୍ମୁଖରେ ଚାରା ବିତରଣ କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାରା ବିତରଣ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ବୃକ୍ଷରୋପଣ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ସକାଶେ ପ୍ରଥମ ଥର ଲାଗି କେନ୍ଦୁଝର ସଦର ବନାଞ୍ଚଳ ପକ୍ଷରୁ ସହରରେ ଏହି ଚାରା ବିତରଣ କେନ୍ଦ୍ର ଖୋଲାଯାଇଛି। ଏହା ପ୍ରତିଦିନ ସକାଳ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ୧ ମାସ ପାଇଁ ଖୋଲିବ । ଲୋକେ ପରିଚୟ ପ୍ରମାଣ ପତ୍ର ଦେଖାଇ ମାତ୍ର ୧ ଟଙ୍କାରେ ୧୦ଟି ଚାରା ନେଇପାରିବେ ବୋଲି ସଦର ରେଞ୍ଜର ସୁଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଶାଗୁଆନ, ହରିଡା, ବାହାଡା, ପିଜୁଳି, ଜାମୁ, ଡାଳିମ୍ବ, ଚମ୍ପା, ଦେବଦାରୁ, ପଣସ, ଶିଶୁ, ମହାନିମ୍ବ, ନିମ୍ବ, କରଞ୍ଜ, ଶାଳ, କୁଳିଆରୀ, ବଉଳ, ଆମ୍ବ, ଅଁଳା ଓ ଡାଳିମ୍ବ ଆଦି ଚାରା ଉପଲବ୍ଧ ରହିଛି। ସଦର ରେଞ୍ଜ ପକ୍ଷରୁ ପଦ୍ମପୁର, ବନାଯୋଡି ଏବଂ ବେଲଦା ନର୍ସରୀରେ ଚଳିତ ବର୍ଷ ବିଭିନ୍ନ କିସମର ୩ଲକ୍ଷ ଉନ୍ନତ କିସମର ଚାରା ପ୍ରସ୍ତୁତ କରାଯାଇଥିବା ସଦର ବନାଞ୍ଚଳ ପକ୍ଷରୁ ସୂଚନା ଦିଆଯାଇଛି।

# ରଥଯାତ୍ରାରେ ଲୋକକଳା, ସଂସ୍କୃତିର ଝଲକ

- ବଳଦେବଜୀଉ ମନ୍ଦିରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟରେ ୩ ରଙ୍ଗମଞ୍ଚ
- କଣ୍ଢେଇ ନାଚ ମନ ମୋହିଲା

**କେନ୍ଦୁଝର, ୫।୭(ଡି.ଏନ୍.ଏ.)**

କେନ୍ଦୁଝରର ଆରାଧ ଦେବତା ଶ୍ରୀ ବଳଦେବଜୀଉଙ୍କ ପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଭକ୍ତଙ୍କ ଲାଗି ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବଳଦେବଜୀଉ ମନ୍ଦିରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟରେ ୩ଟି ରଙ୍ଗମଞ୍ଚରେ କଳାକାରମାନେ ଭକ୍ତି ରସାତ୍ମକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ୪ ତାରିଖ ତାରିଖ ସନ୍ଧ୍ୟାରେ ଘୁଙ୍ଗୁରୁ କ୍ଲବ ପକ୍ଷରୁ ହରିଶ ଚନ୍ଦ୍ର ଓରାମଙ୍କ ଦ୍ୱାରା କଣ୍ଢେଇ ନୃତ୍ୟ ପରିବେଷଣ କରାଯାଇଥିଲା। ଅସଂଖ୍ୟ ଦର୍ଶକ ଏହି କଣ୍ଢେଇ ନାଚ ଦେଖି ମୋହିତ ହୋଇଥିଲେ। ୫ ତାରିଖ ସନ୍ଧ୍ୟାରେ ଘୁଙ୍ଗୁରୁ କ୍ଲବ ମଞ୍ଚରେ ଓମ୍ ସାଇ ଡ୍ୟାନ୍ସ ଏକାଡେମୀ ଓ ବାସୁଦେବପୁର ଝୁମର ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଝୁମର ନୃତ୍ୟ ପରିବେଶେ କରାଯାଇଥିଲା। ସେହିପରି ଇଲେଭେନ୍ ବୁଲେଟ୍ କ୍ଲବ ମଞ୍ଚରେ ସମ୍ରାଟ କ୍ଲବ ଓ ରୁଦ୍ରାକ୍ଷ ଏକାଡେମୀ ପକ୍ଷରୁ ନୃତ୍ୟ କାର୍ଯ୍ୟକ୍ରମ ଓ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ଭଜନ ମଣ୍ଡପରେ ସାଇ ତାରିଣୀ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଆସନ୍ତା ୬ ତାରିଖ ସନ୍ଧ୍ୟାରେ ଘୁଙ୍ଗୁରୁ କ୍ଲବ ମଞ୍ଚରେ ସାଇକ୍ରିଷ୍ଣା ମ୍ୟୁଜିକାଲ ଓ ବର୍ଷା କ୍ଲବ, ଇଲେଭେନ୍ ବୁଲେଟ କ୍ଲବ ମଞ୍ଚରେ ଉପାସନା ଡ୍ୟାନ୍ସ ଏକାଡେମୀ ଓ ମୟୂର ଡ୍ୟାନ୍ସ ଏକାଡେମୀ, ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ଭଜନ ମଣ୍ଡପରେ ସୁର୍ ନିକେତନ ପକ୍ଷରୁ ଭଜନ ପରିବେଷଣ କରାଯିବ ବୋଲି ଜଣାପଡିଛି। ୭ ତାରିଖ ସନ୍ଧ୍ୟାରେ ଘୁଙ୍ଗୁରୁ କ୍ଲବ ମଞ୍ଚରେ କେଡିସିଏ ଓ ଅନନ୍ତ ଗୋପାଳ କଲଚରାଲ କ୍ଲବ, ଇଲେଭେନ୍ ବୁଲେଟ୍ କ୍ଲବ ମଞ୍ଚରେ ଶିଷ୍ୟାଏକାଡେମୀ ଓ ବଲାଙ୍ଗୀରର ଶଙ୍କର ବେହେରା ଏବଂ ସାଥୀଙ୍କ ଦ୍ୱାରା ସମ୍ବଲପୁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶେ କରାଯିବ। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ଭଜନ ମଣ୍ଡପରେ ଦୁର୍ଗାଶ୍ରୀ ଭଜନ ସନ୍ଧ୍ୟା ଏବଂ ସିସି କ୍ଲବ ପକ୍ଷରୁ ଭଜନ ପରିବେଷଣ କରାଯିବ। ୮ତାରିଖ ହେରାପଞ୍ଚମୀ ଅବସରରେ ଘୁଙ୍ଗୁରୁ କ୍ଲବ ମଞ୍ଚରେ ଶଙ୍କର ବେହେରା ଓ ସାଥୀଙ୍କ ଦ୍ୱାରା ସମ୍ବଲପୁରୀ, ଇଲେଭେନ୍ ବୁଲେଟ୍ କ୍ଲବ ମଞ୍ଚରେ ବରୁଣେଶ୍ୱର ନୃତ୍ୟ ଓ ସଙ୍ଗୀତ ପ୍ରତିଷ୍ଠାନ ଏବଂ ଚକ୍ରଧର ପରିଡାଙ୍କ ଦ୍ୱାରା କଣ୍ଢେଇ ନୃତ୍ୟ, ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ଭଜନ ମଣ୍ଡପରେ ସତ୍ୟବୈକୁଣ୍ଠ ଫାଉଣ୍ଡେସନ ପକ୍ଷରୁ ଭଜନ ପରିବେଷଣ କରାଯିବ । ୯ ତାରିଖ ସନ୍ଧ୍ୟାରେ ଘୁଙ୍ଗୁରୁ କ୍ଲବ ମଞ୍ଚରେ ଘୁଙ୍ଗୁରୁ କ୍ଲବ ଓ ପ୍ରଗତି କ୍ଲବ,ଇଲେଭେନ୍ ବୁଲେଟ୍ କ୍ଲବ ମଞ୍ଚରେ ଡାଡି ମିକ୍ସ ଓ ଜୟଦୁର୍ଗା କ୍ଲବ ପକ୍ଷରୁ ନୃତ୍ୟ ପରିବେଷଣ କରାଯିବ। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ଭଜନ ମଣ୍ଡପରେ ଅନନ୍ତ ବଳିଆ ଭଜନ ପୁଷ୍ପାଞ୍ଜଳୀ ପକ୍ଷରୁ ଭଜନ ପରିବେଷଣ ହେବା କାର୍ଯ୍ୟକ୍ରମ ରହିଛି। ୧୦ ତାରିଖ ସନ୍ଧ୍ୟାରେ ଘୁଙ୍ଗୁରୁ କ୍ଲବ ମଞ୍ଚରେ ଅନନ୍ୟା ନୃତ୍ୟ ଅନୁଷ୍ଠାନ ଓ ଭୁବନେଶ୍ୱରର ଓଡିଶୀ, ଇଲେଭେନ୍ ବୁଲେଟ କ୍ଲବ ମଞ୍ଚରେ ଏଏମ୍ ସେବାସଂଘ ଖଞ୍ଜଣୀ ଭଜନ ଓ ନୃତ୍ୟ, ପ୍ରଭାତ ଏକାଡେମୀ, ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ଭଜନ ମଣ୍ଡପରେ ମାନସୀ ପାତ୍ର ଓ ସାଥୀଙ୍କ ଭଜନ, ୧୧ ତାରିଖ ସନ୍ଧ୍ୟାରେ ଘୁଙ୍ଗୁରୁ କ୍ଲବ ମଞ୍ଚରେ ଡିସିଏ କେନ୍ଦୁଝର ଓ ବୀଣାପଣି କଳାନିକେତନ ଶାଳପଡା,ଇଲେଭେନ୍ ବୁଲେଟ୍ କ୍ଲବ ମଞ୍ଚରେ ସାନ୍ତାଳୀ ଡ୍ୟାନ୍ସ ଓ ସମ୍ବଲପୁରର ରଙ୍ଗଫରୁଆ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଓ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ଭଜନ ମଣ୍ଡପରେ ଜ୍ଞାନମଣ୍ଡଳ ପକ୍ଷରୁ ଭଜନ ପରିବେଷଣ କରାଯିବ । ୧୨ ତାରିଖ ବାହୁଡାଯାତ୍ରା ସନ୍ଧ୍ୟାରେ ଘୁଙ୍ଗୁରୁ କ୍ଲବ ମଞ୍ଚରେ ପ୍ରସିଦ୍ଧ କଣ୍ଢେଇନୃତ୍ୟ ପରିବେଷଣ ଏବଂ ୧୩ ତାରିଖ ସୁନାବେଶ ଦିନ ଘୁଙ୍ଗୁରୁ କ୍ଲବ ମଞ୍ଚରେ ଅମୃତଧାରା ଭଜନସନ୍ଧ୍ୟା ଆୟୋଜିତ ହୋଇଥିବା ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ସୂଚନା ଦେଇଛନ୍ତି।

# ଦୁଇ ଜିଲାର ସମ୍ପର୍କ ଯୋଡ଼ିଛି ଜରଦା ରଥଯାତ୍ରା

**ଆନନ୍ଦପୁର,୫।୭(ସ୍ୱ.ପ୍ର.)**



ଭକ୍ତଙ୍କ ଗହଣରେ କେଶଦୁରାପାଳ ଓ ଝୁମ୍ପୁରାରେ ରଥ ଉପରେ ବିଜେ ଶ୍ରୀ ଜୀଉ।

କେନ୍ଦୁଝର ଜିଲା ଘସିପୁରା ବ୍ଲକ ଜରଦାଠାରେ ଥବବା ଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରା ବହୁ ଜନସମାଗମ ମଧ୍ୟରେ ଅନୁଷ୍ଠିତ ହୋଇଛି। କେନ୍ଦୁଝର ଓ ଯାଜପୁର ଜିଲା ସୀମାରେ ଭାଇଚାରା ସୃଷ୍ଟି କରିଆସିଥିବା ଜରଦା ରଥଯାତ୍ରା ଅଞ୍ଚଳରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି। ଅପରାହ୍ନ ସାଢେ ୪ଟାରେ ଶ୍ରୀ ଜୀଉମାନେ ପହଣ୍ଡିରେ ଆସି ରଥାରଢ ହୋଇଥିଲେ। ଦୁର୍ଯ୍ୟୋଧନ ବିଶ୍ୱାଳ ରଥରେ ଛେରାପହଁରା କରିଥିଲେ। ସେବକ ରଘୁନାଥ ଜେନା ଓ ଅମୂଲ୍ୟ ଜେନା ଚନ୍ଦନ ଓ ପୁଷ୍ପଲାଗି କାର୍ଯ୍ୟ କରିଥିଲେ। ସେବକ ଜୟକୃଷ୍ଣ ବଳ, କୈଳାସ ଓଝା, ପିତବାସ ସାମଲ ଚାମର ସେବା କରିଥିଲେ। ରଥର ସାରଥି ନରହରୀ ଜେନା ସୂଚନା ଦେବା ପରେ ଅପରାହ୍ନ ସାଢେ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ରଥକୁ ୨୦ ନମ୍ବର ଜାତୀୟ ରାଜପଥ ଦେଇ ପଡୋଶୀ ଯାଜପୁର ଜିଲାର କୋରେଇ ବ୍ଲକର ଅନ୍ଧାରୀଠାରେ ଥିବା ମାଉସୀ ମା' ମନ୍ଦିରକୁ ନେଇଯାଇଥିଲା। କାର୍ତ୍ତିକ ବିଶ୍ୱାଳ, ପୀତବାସ ସାମଲ, ଗୌରାଙ୍ଗ ବେହେରା,ମୃତ୍ୟୁଞ୍ଜୟ ସାହୁ, ବରଜୁ ବେହେରା, ଶିବ ଓଝା, କିଶାନ ଶର୍ମା, ରବୀନ୍ଦ୍ର ଓଝା, ଭଜହରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାମଚନ୍ଦ୍ରପୁର ପୋଲିସ ଆଇନଶୃଙ୍ଖଳା ରକ୍ଷା କରିଥିଲା।

## କେଶଦୁରାପାଳରେ ରଥଯାତ୍ରା

କେନ୍ଦୁଝର ଜିଲା ଘସିପୁରା ବ୍ଲକ କେଶଦୁରାପାଳ ଠାରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ପୂଜକ ଗୋପିନାଥ ପଣ୍ଡାଙ୍କ ସମେତ ଗୋପିନାଥପୁର ଶାସନର ବ୍ରାହ୍ମଣମାନଙ୍କ ଦ୍ୱାରା ଠାକୁରଙ୍କୁ ପହଣ୍ଡିବିଜେ କରାଯାଇ ରଥାରୁଢ କରାଯାଇଥିଲା। ଅପରାହ୍ନ ୫ ଟାରେ ରଥଟଣା ଆରମ୍ଭ ହୋଇଥିଲା। ଶିକ୍ଷାବିତ୍ ହରିପ୍ରସାଦ ମିଶ୍ର ରଥରେ ଛେରା ପହଁରା କରିଥିଲେ। ଆରକ୍ଷୀ ବାହିନୀ, କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ସ୍କାଉଟ୍ ଗାଇଡମାନେ ଶାନ୍ତି ଶୃଙ୍ଖଳା ରକ୍ଷା ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ସାଇ କଳା ପରିଷଦ ପକ୍ଷରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଲୋକପ୍ରତିନିଧିମାନେ ଉପସ୍ଥି ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଶାନ୍ତିଶୃଙ୍ଖଳାରେ ସରିଲା

**ଝୁମ୍ପୁରା, (ଡି.ଏନ.ଏ.)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଝୁମ୍ପୁରା, କେନ୍ଦୁଆ, ଉଖୁଣ୍ଡାରେ ଗୁରୁବାର ଶାନ୍ତିଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସର ସହ ରଥଯାତ୍ରା ସମ୍ପନ୍ନ ହୋଇଛି। କେନ୍ଦୁଆ ଗ୍ରାମ ରଥଯାତ୍ରା ବହୁ ପୁରୁଣା ହୋଇଥିବାବେଳେ ଝୁମ୍ପୁରା ରଥଯାତ୍ରା ଏଥର ୧୩ ବର୍ଷ ପୂରଣ କରିଛି। ରଥଯାତ୍ରା ପାଇଁ ଝୁମ୍ପୁରା ଦୋଳପଡିଆ ଲୋକାରଣ୍ୟ ହୋଇପଡ଼ିଥିଲା। ପରମ୍ପରା ଅନୁଯାୟୀ, ପୂଜାବିଧି ସମାପନ ପରେ ତିନି ଠାକୁରଙ୍କୁ ମନ୍ଦିରରୁ ଦୋଳପଡିଆକୁ ଅଣାଯାଇଥିଲା। ଘଣ୍ଟା, ଶଙ୍ଖ, ମୃଦଙ୍ଗ ଧ୍ୱନି ସହିତ 'ଜୟ ଜଗନ୍ନାଥ' ଘୋଷରେ ପରିବେଶ ଫାଟି ପଡିଥିଲା। ଯୁଗଳ କିଶୋର ସାହୁ ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ଶିଶୁମନ୍ଦିର ରାସ୍ତା, ବଜାର ରାସ୍ତା ଦେଇ ରଥ ଦୁର୍ଗା ପଡିଆରେ ଥିବା ମାଉସୀ ମା' ମନ୍ଦିର ନିକଟରେ ସନ୍ଧ୍ୟା ସମୟରେ ପହଞ୍ଚିଲା। ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇବା ଲାଗି ସ୍କୁଲ ଛାତ୍ରୀଛାତ୍ର ଓ ସେଚ୍ଛାସେବୀଙ୍କ ପକ୍ଷରୁ ସ୍ଥାନେ ସ୍ଥାନେ ଜଳଛତ୍ର ଖୋଲା ଯାଇଥିଲା। ଝୁମ୍ପୁରା ରଥଯାତ୍ରା କମିଟି ପକ୍ଷରୁ ପୋଲିସ ସହାୟତାରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।